ODIA DAILY EDITION
09.10.2026
କଟକ, ଶୁକ୍ରବାର
ପୃଷ୍ଠା-୪+୪, ମୂଲ୍ୟ-₹ ୨.00
ଅକ୍ଟୋବର-୦୯, ୨୦୨୬
ବର୍ଷ-୩୮, ସଂଖ୍ୟା-୯୫
RNI Regd. NO- 48239/89
P.R.NO-CK(C)/16/2024-2026

# ମାତୃଭାଷା

ପ୍ରତିଷ୍ଠାତା: ବିକାଶ କର

MATRUBHASA

37 Years of publication SINCE 1989

Epaper- www.matrubhasa.com matrubhasanews@gmail.com matrubhasanews@yahoo.co.in facebook.com/matrubhasanews

## ୧୨ ଘଣ୍ଟିଆ ଓଡ଼ିଶା ବନ୍ଦ

**ଭୁବନେଶ୍ୱର, ୮।୧୦:** ଓଡ଼ିଶାରେ ଇଣ୍ଡି ମେଣ୍ଟ ପକ୍ଷରୁ ଗୁରୁବାର ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଡକାଯାଇଥିବା ୧୨ ଘଣ୍ଟିଆ ବନ୍ଦର ବ୍ୟାପକ ପ୍ରଭାବ ଦେଖିବାକୁ ମିଳିଛି। ବନ୍ଦ ଯୋଗୁଁ ବିଭିନ୍ନ ସ୍ଥାନରେ ଜନଜୀବନ ପ୍ରଭାବିତ ହେବା ସହ ସାର୍ବଜନୀନ ପରିବହନ ସେବା ବାଧାପ୍ରାପ୍ତ ହୋଇଛି। ଆନ୍ଦୋଳନକାରୀମାନେ ବିଭିନ୍ନ ସ୍ଥାନରେ ରାସ୍ତା ଅବରୋଧ କରି ଯାନବାହନ ଚଳାଚଳ ବନ୍ଦ କରିବାକୁ ଉଦ୍ୟମ କରିଥିଲେ। ଏହାକୁ ନେଇ ଅନେକ ସ୍ଥାନରେ ସାଧାରଣ ଲୋକ ଓ ଆନ୍ଦୋଳନକାରୀଙ୍କ ମଧ୍ୟରେ ତୀବ୍ର ବାକ୍‌ବିତଣ୍ଡା ଦେଖିବାକୁ ମିଳିଥିଲା।

କଂଗ୍ରେସ ସମେତ ୯ଟି ବିରୋଧୀ ଦଳ ବନ୍ଦ ଡାକରା ଦେଇଛନ୍ତି। ଇଣ୍ଡି ମେଣ୍ଟ ପକ୍ଷରୁ ଲୋକଙ୍କୁ ରାସ୍ତାରେ ଯାନବାହନ ନଚଳାଇବା ସହ ଦୋକାନ, ବଜାର, ବାଣିଜ୍ୟିକ ପ୍ରତିଷ୍ଠାନ ଓ କାର୍ଯ୍ୟାଳୟ ବନ୍ଦ ରଖିବାକୁ ଅପିଲ୍ କରାଯାଇଥିଲା। ଚାରିଟି ପ୍ରମୁଖ ଦାବି ନେଇ ଏହି ବନ୍ଦ ଡକାଯାଇଛି। ଏଥିରେ ଏମ୍‌ଏମ୍‌ଡିଆଁ ଆଇନ ପ୍ରତ୍ୟାହାର, ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି, ରାଜ୍ୟର ପାଠ୍ୟପୁସ୍ତକରେ କଥିତ ଅନିୟମିତତାକୁ ନେଇ ସ୍କୁଲ୍ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଏବଂ ବନ୍ୟା ପ୍ରଭାବିତ



- ବସ୍-ଅଟୋ ସେବା ବାଧାପ୍ରାପ୍ତ, ଜନଜୀବନ ପ୍ରଭାବିତ
- ହନ୍ତସନ୍ତ ରୋଗୀ ଓ ପରୀକ୍ଷାର୍ଥୀ
- ସାଧାରଣରେ ଅସନ୍ତୋଷ ପ୍ରକାଶ
- ବନ୍ଦ ପ୍ରଭାବହୀନ : ବିଜେପି

ପରିବାରଙ୍କୁ ତୁରନ୍ତ ଓ ପର୍ଯ୍ୟାପ୍ତ ରିଲିଫ୍ ପ୍ରଦାନ ଦାବି ସାମିଲ ରହିଛି।

ବନ୍ଦର ସବୁଠାରୁ ଅଧିକ ପ୍ରଭାବ ସାର୍ବଜନୀନ ପରିବହନ ଉପରେ ପଡ଼ିଛି। ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ବନ୍ଦକୁ ସମର୍ଥନ କରିନଥିଲେ ମଧ୍ୟ ବିଭିନ୍ନ ସ୍ଥାନରେ ପ୍ରଦର୍ଶନ ଓ ରାସ୍ତା ଅବରୋଧ କାରଣରୁ ବସ୍ ସେବା ପ୍ରଭାବିତ ହୋଇଥିଲା। ନିଖିଳ ଉତ୍କଳ ଅଟୋ ଚାଳକ ସଂଘ ମଧ୍ୟ ସୁରକ୍ଷା କାରଣ ଦର୍ଶାଇ ଅଟୋ ସେବା ବନ୍ଦ ରଖିବାକୁ ନିଷ୍ପତ୍ତି ନେଇଥିଲା। ଫଳରେ ପ୍ରତିଦିନ ସାର୍ବଜନୀନ ପରିବହନ ଉପରେ ନିର୍ଭର କରୁଥିବା ଯାତ୍ରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ।ରାଜଧାନୀ ଭୁବନେଶ୍ୱରରେ ଆନ୍ଦୋଳନକାରୀମାନେ ବିଭିନ୍ନ ସ୍ଥାନରେ ରାସ୍ତା ଅବରୋଧ କରିବା ସହ ଯାନବାହନ ଅଟକାଇବାକୁ ପ୍ରୟାସ କରିଥିଲେ। ମାଷ୍ଟର କ୍ୟାଣ୍ଟିନ୍ ଛକରେ ବିରୋଧୀ କର୍ମୀମାନଙ୍କ ପ୍ରଦର୍ଶନ ଯୋଗୁଁ କିଛି ସମୟ ପାଇଁ ବସ୍ ଓ ଅଟୋ ଚଳାଚଳ ଠପ୍ ହୋଇଯାଇଥିଲା। ବନ୍ଦ ସମୟରେ ରାଜ୍ୟର କେତେକ ଅଞ୍ଚଳରେ ଆନ୍ଦୋଳନକାରୀମାନେ ଗାଡ଼ି ଚାଳକ ଓ ସାଧାରଣ ଲୋକଙ୍କୁ ଅଟକାଇବା ସହ ଚାପ ପକାଇଥିବା ଘଟଣା ମଧ୍ୟ ସାମ୍ନାକୁ ଆସିଛି।

## ଗିରଫ କରିପାରିବେନି ଟ୍ୟାକ୍ସ ଅଧିକାରୀ



- ୫୬ତମ ଜିଏସ୍‌ଟି ପରିଷଦ ବୈଠକରେ ଅନେକ ବଡ଼ ନିଷ୍ପତ୍ତି
- ମାମଲା ରୁଜୁ ସୀମା ୫ କୋଟିକୁ ବୃଦ୍ଧି
- ରାଇଡର ଡେଲଭିରି ସେବା ଉପରେ ଟିକସ ହ୍ରାସ, ଇ-କମର୍ସ ବିକ୍ରେତାଙ୍କୁ ସୁବିଧା

**ନୂଆଦିଲ୍ଲୀ:** ଜିଏସଟି ପରିଷଦର ୫୬ତମ ବୈଠକରେ ଅନେକ ବଡ଼ ନିଷ୍ପତ୍ତି ନିଆଯାଇଛି । ବୈଠକରେ ବ୍ୟବସାୟୀ ଏବଂ ଟିକସଦାତା ପାଇଁ ଜିଏସଟି ସିଷ୍ଟମକୁ ସରଳ କରିବା, ରିଫଣ୍ଡ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଏବଂ ବ୍ୟାଙ୍କ ବ୍ୟବସ୍ଥାରେ ଅଧିକ ପାରଦର୍ଶିତା ଆଣିବା ପାଇଁ ଅନେକ ବଡ଼ ନିଷ୍ପତ୍ତିକୁ ମଞ୍ଜୁରି ଦିଆଯାଇଛି ।

ଜିଏସଟି ପରିଷଦରେ ଟ୍ୟାକ୍ସ ଅଧିକାରୀଙ୍କ ଗିରଫ କରିବା ଶକ୍ତିକୁ ଶେଷ କରାଯାଇଛି ଏବଂ ମୋକଦ୍ଦମା ଚଲାଇବା ସୀମା ୧ କୋଟି ଟଙ୍କାରୁ ବଢ଼ାଇ ୫ କୋଟି ଟଙ୍କା କରାଯାଇଛି । ବର୍ତ୍ତମାନ ଅଧିକାର ଅନୁସାରେ, ଜିଏସଟି ଅଧିକାରୀଙ୍କୁ ବଡ଼ ଅପରାଧ ଯେପରିକି ଟିକସ ଚୋରି, ଜାଲିଆତି କରି ଇନପୁଟ୍ ଟ୍ୟାକ୍ସ କ୍ରେଡିଟ୍ ନେବା କିମ୍ବା ବେଆଇନ ଭାବେ ରିଫଣ୍ଡ୍ ନେବା ମାମଲାରେ ଗିରଫ କରିବାର ଶକ୍ତି ରହିଛି । ଏଥିପାଇଁ ଏବେ ଆୟୁକ୍ତ ସ୍ତରର ଅଧିକାରୀଙ୍କ ଠାରୁ ପ୍ରଥମେ ଅନୁମତି ନେବା ଜରୁରି ହେବ ।

ଏହା ସହିତ ରିଫଣ୍ଡ୍ ପ୍ରକ୍ରିୟାକୁ ମଧ୍ୟ ତ୍ୱରିତ କରିବା ଲାଗି ନିଷ୍ପତ୍ତି ନିଆଯାଇଛି । ଏବେ ରିଫଣ୍ଡ୍ କ୍ଲେମ୍ ?କୁ ସ୍ୱୀକାର କରିବାର ସମୟସୀମା ୧୫ ଦିନରୁ ହ୍ରାସ କରି ୧୦ ଦିନ କରାଯାଇଛି । ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଜାରି ବୟାନ ଅନୁସାରେ, ଜିଏସଟି ହାର ସମୀକ୍ଷା ପାଇଁ ପ୍ରତ୍ୟେକ ବର୍ଷ କାଉନସିଲ୍ ଏକ ଅଲଗା ବୈଠକ କରିବ ।

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ବସିଥିବା ଜିଏସଟି ପରିଷଦରେ ଜିଏସଟି ହାରରେ କୌଣସି ପରିବର୍ତ୍ତନ କରାଯାଇନାହିଁ । ପରିଷଦ କରିଥିବା ସୁପାରିଶ ବାବଦରେ ଅର୍ଥମନ୍ତ୍ରୀ ବିସ୍ତୃତ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ପରିଷଦ ନୋଟିସ୍ ଏବଂ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣ ମାନଦଣ୍ଡ ସ୍ଥିର କରିବାକୁ ସୁପାରିଶ କରିଛି । ୧୦,୦୦୦ କିମ୍ବା ତା'ଠାରୁ କମ୍ ଆର୍ଥିକ ସୀମା ସହିତ ଜଡ଼ିତ କୌଣସି ନୂତନ ନୋଟିସ୍ ଜାରି କରାଯିବ ନାହିଁ । ଅର୍ଥମନ୍ତ୍ରୀ କହିଛନ୍ତି ଯେ ଏହି ସୀମା ତଳେ ଥିବା ସମସ୍ତ ବିଚାରାଧୀନ ନୋଟିସ୍ ମଧ୍ୟ ପ୍ରତ୍ୟାହାର କରାଯିବ । ସେ ଜୋର ଦେଇ କହିଛନ୍ତି ଯେ ଯଦି ଏପରି ନୋଟିସ୍ ପୂର୍ବରୁ ଜାରି କରାଯାଇଥିଲା, ତେବେ ସେଗୁଡ଼ିକୁ ମଧ ପ୍ରତ୍ୟାହାର କରାଯିବ । ଟିକସଦାତାଙ୍କ ଉପରେ ଛୋଟ ମାମଲା ବୋଝ ହ୍ରାସ କରିବା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି । ଏହା ଜିଏସଟି ବ୍ୟବସ୍ଥାରେ ଅଧିକ ସ୍ୱଚ୍ଛତା ଆଣିବ ଏବଂ ପ୍ରକ୍ରିୟାଗୁଡ଼ିକୁ ସରଳ କରିବାରେ ସାହାଯ୍ୟ କରିବ ।

ଫୌଜଦାରୀ ମାମଲା ଆରମ୍ଭ କରିବା ପାଇଁ ସର୍ବନିମ୍ନ ସୀମା ୧ କୋଟିରୁ ୫ କୋଟିକୁ ବୃଦ୍ଧି କରାଯାଇଛି । ଏହାଦ୍ୱାରା କ୍ଷୁଦ୍ର କିମ୍ବା ସଙ୍ଗୀନ ନଥିବା ଟିକସ ମାମଲାରେ ଫୌଜଦାରୀ କାର୍ଯ୍ୟାନୁଷ୍ଠାନ ହ୍ରାସ କରିବ । ଟିକସ ନୋଟିସ୍ ଜାରି କରିବାର ପ୍ରକ୍ରିୟାକୁ ଯୁକ୍ତିଯୁକ୍ତ କରିବା ପାଇଁ, କାରଣ ଦର୍ଶାଅ ନୋଟିସ୍ ଜାରି କରିବା ପାଇଁ ସର୍ବନିମ୍ନ ୧୦,୦୦୦ ଟଙ୍କା ସ୍ଥିର କରାଯାଇଛି ।

ଅଣପଞ୍ଜିକୃତ ରାଇଡର ଡେଲିଭରି ସେବା ଉପରେ ଜିଏସଟି ହାର ୧୮%ରୁ ୫%କୁ ହ୍ରାସ କରାଯାଇଛି । ପ୍ରାୟ ୯.୫ ଲକ୍ଷ ଛୋଟ ବିକ୍ରେତାଙ୍କୁ ପ୍ରତ୍ୟେକ ରାଜ୍ୟରେ ବିନା ଭୌତିକ ଉପସ୍ଥିତିରେ ବ୍ୟବସାୟ ସ୍ଥାନ ଭାବରେ ପ୍ଲାଟଫର୍ମ ଗୋଦାମଗୁଡ଼ିକୁ ପଞ୍ଜିକରଣ କରିବାକୁ ଅନୁମତି ଦିଆଯାଇଛି ।

## ଓଏଏସ୍ ସ୍ତରରେ ବଡ଼ ଅଦଳବଦଳ

**ଭୁବନେଶ୍ୱର, ୮।୧୦:** ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍) ଅଧିକାରୀ ସ୍ତରରେ ଅଦଳବଦଳ। ବିଭିନ୍ନ ବିଭାଗରେ କିଛି ଅଧିକାରୀଙ୍କୁ ନୂଆ ଦାୟିତ୍ୱ ମିଳିଥିବା ବେଳେ ବଦଳିଛି ଦାୟିତ୍ୱ। ଏହି କ୍ରମରେ ମୁଖ୍ୟମନ୍ତ୍ରୀଙ୍କ ଯୁଗ୍ମ ସଚିବଙ୍କ ମଧ ବଦଳି ହୋଇଛି। ଅଦଳବଦଳ ଅନୁସାରେ ତ୍ରିଲୋଚନ ମହାନ୍ତିଙ୍କୁ ଭୁବନେଶ୍ୱରସ୍ଥିତ ଆରଓଟିଆଇର ଯୁଗ୍ମ ସଚିବ ଭାବେ ନୂଆ ନିଯୁକ୍ତି ମିଳିଛି। ସେ ଏଣିକି ; ବଦଳିଲେ ମୁଖ୍ୟମନ୍ତ୍ରୀଙ୍କ ଯୁଗ୍ମ ସଚିବର ଯୁଗ୍ମ ସଚିବ ଭାବେ ଦାୟିତ୍ୱ ତୁଲାଇବେ। ସେହିପରି ଗୀତାଞ୍ଜଳି ନାୟକଙ୍କୁ ଇଆଣ୍ଡଆଇଟି ବିଭାଗର ଅତିରିକ୍ତ ସଚିବ ଦାୟିତ୍ୱ ଦିଆଯାଇଛି। ନୂଆ ଦାୟିତ୍ୱ ସହ ସେ ବିଭାଗୀୟ କାର୍ଯ୍ୟକୁ ଆଗକୁ ନେବେ। ଅନ୍ୟପଟେ କୁକୁମିନା ଦାସଙ୍କୁ ପିଡି, ଆରଆଣ୍ଡଆର୍, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଦାୟିତ୍ୱ ପ୍ରଦାନ କରାଯାଇଛି। ଓଇଓ ଅଧିକାରୀ ସ୍ତରରେ ହୋଇଥିବା ଏହି ଅଦଳବଦଳ ପରେ ପ୍ରଶାସନିକ ମହଲରେ ଚର୍ଚ୍ଚା ଜୋର ଧରିଛି।

## ପରଲୋକରେ ନାନା ପାଟେକର



- ୭୫ ବର୍ଷ ବୟସରେ ଶେଷ ନିଶ୍ୱାସ ତ୍ୟାଗ
- ରାଜକୀୟ ସମ୍ମାନରେ ଶେଷକୃତ୍ୟ
- ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ସହ ସାରା ଦେଶ ଜଣାଇଲା ଶ୍ରଦ୍ଧାଞ୍ଜଳି

**ପଣଜୀ (ଗୋଆ), ୮।୧୦:** ଭାରତୀୟ ସିନେମାର ବରିଷ୍ଠ ଓ ଲୋକପ୍ରିୟ ଅଭିନେତା ନାନା ପାଟେକର ଆଉ ଆମ ମଧ୍ୟରେ ନାହାନ୍ତି। ୭୫ ବର୍ଷ ବୟସରେ ସେ ଏହି ଦୁନିଆକୁ ବିଦାୟ ଦେଇଛନ୍ତି। ଦିଗ୍ଗଜ ଅଭିନେତା ନାନା ପାଟେକରଙ୍କର ଗୁରୁବାର ଭୋର ସମୟରେ ହୃଦ୍ଘାତ ପରେ ପରଲୋକ ଘଟିଛି। ଗୋଆର ପଣଜୀ ନିକଟସ୍ଥ ଡୋନା ପାଉଲାରେ ଥିବା ତାଙ୍କ ଆପାର୍ଟମେଣ୍ଟରୁ ଅଚେତ ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ଏକ ଘରୋଇ ହସ୍ପିଟାଲ (ମଣିପାଲ ହସ୍ପିଟାଲ)କୁ ନିଆଯାଇଥିଲା।

ଦିବଂଗତ ଅଭିନେତା ନାନା ପାଟେକରଙ୍କ ପୁଅ ମଲହାର ଏବଂ ମଣିପାଲ ହସ୍ପିଟାଲର ବରିଷ୍ଠ ଚିକିତ୍ସକ ଡା. ଶେଖର ସାଲକର ଏହି ଖବରକୁ ନିଶ୍ଚିତ କରିଛନ୍ତି। ଡା. ସାଲକର କହିଛନ୍ତି ଯେ, ତାଙ୍କୁ ବଞ୍ଚାଇବା ପାଇଁ ପ୍ରାୟ ୪୫ ମିନିଟ୍ ପର୍ଯ୍ୟନ୍ତ ସିପିଆର୍ ଦିଆଯାଇଥିଲା, କିନ୍ତୁ ତାଙ୍କୁ ବଞ୍ଚାଇବା ସମ୍ଭବ ହୋଇନଥିଲା। ଅଙ୍କୋଲୋଜି ବିଭାଗର ମୁଖ୍ୟ ଡା. ଶେଖର ସାଲକରଙ୍କ ଅନୁସାରେ, ନାନା ପାଟେକରଙ୍କୁ ସକାଳ ପ୍ରାୟ ୫ଟା ୧୦ ମିନିଟ୍ରେ ମୃତ ଘୋଷଣା କରାଯାଇଥିଲା। ତାଙ୍କ ମୃତ୍ୟୁ ପରେ ମେଡିକୋ-ଲିଗାଲ୍ କେସ୍ (ଏମ୍ଏଲ୍ସି) ରୁଜୁ କରାଯାଇଛି। ଏବେ ତାଙ୍କର ଶବ ବ୍ୟବଚ୍ଛେଦ କରାଯିବ।

ନାନା ପାଟେକର ହିନ୍ଦୀ ଓ ମରାଠୀ ସିନେମାର ଜଣେ ଚର୍ଚ୍ଚିତ ଅଭିନେତା ଥିଲେ। ତାଙ୍କ ଜନ୍ମ ୧ ଜାନୁଆରୀ ୧୯୫୧ରେ ମହାରାଷ୍ଟ୍ରର ରାୟଗଡ଼ ଜିଲ୍ଲାର ମୁରୁଡ-ଜଞ୍ଜିରାରେ ହୋଇଥିଲା। ସେ କେବଳ ଅଭିନେତା ନୁହେଁ, ବରଂ ଚଳଚ୍ଚିତ୍ର ନିର୍ମାତା, ନିର୍ଦ୍ଦେଶକ ଓ ଲେଖକ ମଧ ଥିଲେ। ନାନା ପାଟେକର ୧୯୭୮ର ଫିଲ୍ମ 'ଗମନ'ରୁ ଅଭିନୟ ଜୀବନ ଆରମ୍ଭ କରିଥିଲେ। ପ୍ରାରମ୍ଭିକ ସମୟରେ ସେ ମରାଠୀ ଓ ହିନ୍ଦୀ—ଉଭୟ ସିନେମାରେ ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ। ୧୯୮୮ରେ ମୁକ୍ତିଲାଭ କରିଥିବା ମୀରା ନାୟରଙ୍କ ଫିଲ୍ମ 'ସଲାମ ବମ୍ବେ' ତାଙ୍କୁ ବିଶେଷ ପରିଚୟ ଦେଇଥିଲା। ୧୯୮୯ର ଚର୍ଚ୍ଚିତ ଫିଲ୍ମ 'ପରିନ୍ଦା' ତାଙ୍କ କ୍ୟାରିୟରର ସବୁଠାରୁ ବଡ଼ ଟର୍ଣ୍ଣିଂ ପଏଣ୍ଟ ସାବ୍ୟସ୍ତ ହୋଇଥିଲା। ଏଥିରେ ଜଣେ ଗ୍ୟାଙ୍ଗଷ୍ଟରଙ୍କ ପ୍ରଭାବଶାଳୀ ଭୂମିକା ପାଇଁ ତାଙ୍କୁ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଓ ଫିଲ୍ମଫେୟାର ପୁରସ୍କାରରେ ସମ୍ମାନିତ କରାଯାଇଥିଲା।

## ଜ୍ଞାନେଶଙ୍କ ସପକ୍ଷରେ ୪୨ ପୂର୍ବତନ ବିଚାରପତି



**ନୂଆଦିଲ୍ଲୀ, ୮।୧୦:** ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାର ଏବଂ ଏସ୍‌ଆଇଆର୍ ସପକ୍ଷରେ ବାହାରିଛନ୍ତି ପୂର୍ବତନ ବିଚାରପତି । ପ୍ରାୟ ୪୨ ଜଣ ଅବସରପ୍ରାପ୍ତ ବିଚାରପତି ଏସ୍‌ଆଇଆର୍ ଏବଂ ଜ୍ଞାନେଶ କୁମାରଙ୍କ ଉପରେ ପ୍ରୟୋଗ କରାଯାଉଥିବା ଶବ୍ଦକୁ କଡ଼ା ବିରୋଧ କରିବା ସହିତ ସପକ୍ଷରେ ଗୁରୁବାର ଖୋଲା ଚିଠି ଲେଖିଛନ୍ତି । ପୂର୍ବତନ ବିଚାରପତିମାନେ ଏହାକୁ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ହିତ ପାଇଁ ଏକ ସୁପରିକଳ୍ପିତ ଅଭିଯାନ ପାଇଁ ବୋଲି କହିଛନ୍ତି ।

ବିଶେଷକରି ଜ୍ଞାନେଶ କୁମାରଙ୍କ ପ୍ରତି ପ୍ରୟୋଗ କରାଯାଉଥିବା ଶବ୍ଦ ଗୁଡ଼ିକ ଉପରେ ଅବସରପ୍ରାପ୍ତ ବିଚାରପତିମାନେ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ନିର୍ବାଚନ ଆୟୋଗ, ନ୍ୟାୟପାଳିକା ଏବଂ ଅନ୍ୟାନ୍ୟ ସାମ୍ବିଧାନିକ ସଂସ୍ଥାଗୁଡ଼ିକୁ ଦୁର୍ବଳ କରିବା ପାଇଁ ଚାଲିଥିବା ଅଭିଯାନକୁ ଅବସରପ୍ରାପ୍ତ ବିଚାରପତିମାନେ ଚିନ୍ତା ପ୍ରକଟ କରିଛନ୍ତି । ବିନା ପ୍ରମାଣରେ

**'ଭୋଟ୍ ଚୋରି' କହିବା ସାମ୍ବିଧାନିକ ସଂସ୍ଥା ପ୍ରତି ଅପମାନ**

କରାଯାଉଥିବା 'ଭୋଟ୍ ଚୋରି' ଅଭିଯୋଗ ଉପରେ ପ୍ରଶ୍ନ ଉଠାଇଛନ୍ତି ଏବଂ ସାମ୍ବିଧାନିକ ପଦବୀରେ ଥିବା ଅଧିକାରୀମାନଙ୍କୁ ବାରମ୍ବାର 'ଚୋର' କିମ୍ବା 'ଷଡ଼ଯନ୍ତ୍ରକାରୀ' ବୋଲି ଆଖ୍ୟା ଦେବା ବିରୁଦ୍ଧରେ ଚେତାବନୀ ଦେଇଛନ୍ତି। ଏଭଳି ଚିଠି ଲେଖିବାର ଉଦ୍ଦେଶ୍ୟ ହେଲା ଏଭଳି ସମୟରେ ନୀରବ ରହିବା ନିରପେକ୍ଷ ରହିବାର କୌଣସି ବିକଳ୍ପ ନୁହେଁ। ଭାରତର ସାମ୍ବିଧାନିକ ସଂସ୍ଥାଗୁଡ଼ିକ ଉପରେ କ୍ରମାଗତ ଭାବେ ଆକ୍ରମଣ କରାଯାଉଛି। ସେମାନେ ଅନୁଭବ କରିଛନ୍ତି ଯେ ଏହା ରାଜନୈତିକ ସ୍ୱାର୍ଥ ଦ୍ୱାରା ପରିଚାଳିତ ଏକ ସୁପରିକଳ୍ପିତ ଅଭିଯାନ, ଯେଉଁଥିରେ ବିଶ୍ୱର ସର୍ବବୃହତ ଗଣତନ୍ତ୍ରକୁ ଅସ୍ଥିର କରିବା ଦ୍ୱାରା ସୃଷ୍ଟି ହୋଇପାରୁଥିବା ବିପର୍ଯ୍ୟୟକାରୀ ପରିଣାମ ପ୍ରତି କୌଣସି ଖାତିର ନାହିଁ । ଏପରି ପ୍ରୟାସ ଜନସାଧାରଣଙ୍କ ବିଶ୍ୱାସକୁ ହ୍ରାସ କରିବ ଏବଂ ଯେତେବେଳେ ' ସେମାନଙ୍କର ଭୋଟର କୌଣସି ମୂଲ୍ୟ ରହିବ ନାହିଁ ସେମାନେ ରାସ୍ତାରେ ପ୍ରତିବାଦ କରିବେ ।

| | |
|---|---|
| ସେନ୍‌ସେକ୍ସ | ୭୧,୫୯୩ |
| ନିଫ୍ଟି | ୨୨,୨୩୧ |
| ସୁନା/୧୦ଗ୍ରା | ୧,୪୯,୫୭୦ |
| ରୂପା/କିଗ୍ରା | ୨,୩୪,୦୦୦ |
| ଡଲାର | ୯୬.୮୬ |

### ପାଣିପାଗ

| | |
|---|---|
| **ସର୍ବାଧିକ** | |
| ଭୁବନେଶ୍ୱର: | ୩୪.୭° |
| କଟକ: | ୩୩.୬° |
| **ସର୍ବନିମ୍ନ** | |
| ଭୁବନେଶ୍ୱର: | ୨୩.୬° |
| କଟକ: | ୨୨.୨° |

## ବାଣ ଭିଡ଼ିବାବେଳେ ବିସ୍ଫୋରଣ ବାପ-ପୁଅ ମୃତ

**ଜଗତସିଂହପୁର, ୮।୧୦:** ଦୀପାବଳି ପୂର୍ବରୁ ଜଗତସିଂହପୁରରେ ବଡ଼ ଅଘଟଣ। ବାଣ ତିଆରି କରୁଥିବା ବେଳେ ଘଟିଲା ଭୟଙ୍କର ବିସ୍ଫୋରଣ। ଏଥିରେ ଦୁଇଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଆଉ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ତିର୍ତ୍ତୋଲ ଥାନା ଅଧୀନ ମହିଳା ଗାଁରେ ବୁଧବାର ଅପରାହ୍ଣରେ ଏହି ଘଟଣା ଘଟିଛି।

ସୂଚନା ଅନୁସାରେ, ମନୋରଞ୍ଜନ ସାଇଁଙ୍କ ଘରେ ବାଣ ଗଚ୍ଛିତ ଥିଲା। ବାଣ ତିଆରି କରୁଥିବା ସମୟରେ ହଠାତ୍ ? ଏହା ବିସ୍ଫୋରଣ ହୋଇଥିଲା। ପ୍ରଚଣ୍ଡ ଶବ୍ଦ ଶୁଣି ଆଖପାଖ ଲୋକେ ଘଟଣାସ୍ଥଳକୁ ଦୌଡ଼ି ଆସିଥିଲେ। ପରିବାର ଲୋକେ ଘରୁ ବାହାରିବାକୁ ଉଦ୍ୟମ କରିଥିଲେ ମଧ ବିସ୍ଫୋରଣରେ ଗୁରୁତର ଆହତ ହୋଇଥିଲେ।

ସ୍ଥାନୀୟ ଲୋକେ ଆହତମାନଙ୍କୁ ଉଦ୍ଧାର କରି ନିକଟସ୍ଥ କମ୍ୟୁନିଟି ହେଲ୍ ?ଥ ସେଣ୍ଟରକୁ ନେଇଥିଲେ। ସେଠାରେ ଡାକ୍ତର ମନୋରଞ୍ଜନ ସାଇଁଙ୍କୁ ମୃତ ଘୋଷଣା କରିଥିଲେ। ପରେ ଚିକିତ୍ସାଧୀନ ଅବସ୍ଥାରେ ସୌମ୍ୟ ସାହିଲ ସାଇଁଙ୍କ ମଧ ମୃତ୍ୟୁ ହୋଇଛି। ଅନ୍ୟ ୩ ଗୁରୁତର ଆହତ ଶୁଭଲକ୍ଷ୍ମୀ ସାଇଁ, ଭାଗ୍ୟଲକ୍ଷ୍ମୀ ସାଇଁ ଓ ରାହୁଲ ରାଜ ମହାନ୍ତଙ୍କୁ ଅଧିକ ଚିକିତ୍ସା ପାଇଁ ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ବିସ୍ଫୋରଣର ତୀବ୍ରତା ଏତେ ଅଧିକ ଥିଲା ଯେ ଘରର କାନ୍ଥରେ ଫାଟ ସୃଷ୍ଟି ହୋଇଥିବାବେଳେ ଘରର ବିଭିନ୍ନ ସାମଗ୍ରୀ ଏଣେତେଣେ ଛିଟିକି ପଡ଼ିଛି। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି। ବାଣ ତିଆରି ପାଇଁ ପରିବାର ପାଖରେ ଆବଶ୍ୟକ ଲାଇସେନ୍ସ ଥିଲା କି ନାହିଁ, ସେନେଇ ମଧ ତଦନ୍ତ ଚାଲିଛି।

## ଆମ୍ବୁଲାନ୍ସରେ ଲାଗିଲା ନିଆଁ, ରୋଗୀ ମୃତ

**ଉଦଳା, ୮।୧୦:** ମୟୂରଭଞ୍ଜ ଜିଲା ଉଦଳା ହସ୍ପିଟାଲରେ ଗୁରୁବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି । ଆମ୍ବୁଲାନ୍ସରେ ଭୟଙ୍କର ବିସ୍ଫୋରଣ ଯୋଗୁ ଏଥିରେ ଥିବା ରୋଗୀ ଜଣକ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି । ମୃତ ରୋଗୀଙ୍କ ନାଁ ସୁଯୋଗ ବାରିକ । ସେ ଜଣେ ଥାଲାସେମିଆ ରୋଗୀ । ଏହି ଘଟଣାରେ ଆମ୍ବୁଲାନ୍ସର ଡ୍ରାଇଭର ଓ ହେଲପର ମଧ ଗୁରୁତର ହୋଇଛନ୍ତି । ଖବର ନେବାରୁ ଜଣାପଡ଼ିଛି ଉଦଳା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିବା ସୁଯୋଗଙ୍କୁ ରାଜଧାନୀ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ଅଣାଯିବାର ଥିଲା । ସେଥିପାଇଁ ଏକ ଘରୋଇ ଆମ୍ବୁଲାନ୍ସକୁ ରୋଗୀଙ୍କ ପରିବାର ଲୋକେ ଭଡ଼ାରେ ଆଣିଥିଲେ । ଆମ୍ବୁଲାନ୍ସରେ ରୋଗୀଙ୍କୁ ରଖାଯାଇ ଅକ୍ସିଜେନ ସିଲିଣ୍ଡର ଲଗାଯିବା ବେଳେ ଏହି ସିଲିଣ୍ଡର ହଠାତ୍ ବିସ୍ଫୋରଣ କରିଥିଲା ।

## ସାହିତ୍ୟରେ କାର୍ସନଙ୍କୁ ନୋବେଲ

**ଷ୍ଟକହୋମ, ୮।୧୦:** ସାହିତ୍ୟରେ ନୋବେଲ ପୁରସ୍କାର ଘୋଷଣା କରାଯାଇଛି । କାନାଡ଼ାର ଲେଖିକା ଏନେ କାର୍ସନଙ୍କୁ ୨୦୨୬ ବର୍ଷ ସାହିତ୍ୟରେ ନୋବେଲ ପୁରସ୍କାର



ପ୍ରଦାନ କରାଯାଇଛି । ସ୍ୱିଡିଶ୍ ଏକାଡେମୀ ଏହି ଘୋଷଣା ଅବସରରେ କହିଛି କାର୍ସନଙ୍କୁ ତାଙ୍କର ସାହସ ଏବଂ କାଳ୍ପନିକ ଲେଖା ପାଇଁ ଏହି ସମ୍ମାନ ପ୍ରଦାନ କରାଯାଇଛି । କାର୍ସନ୍‌ଙ୍କ ଲେଖାରେ ଶାସ୍ତ୍ରୀୟ ପରମ୍ପରା ସହ ଏକ ଚିତ୍ତାକର୍ଷକ ସଂଳାପ ମଧ ଥାଏ । ଯାହା ଲେଖା ସାମ୍ପ୍ରତିକ ସାହିତ୍ୟ ପାଇଁ ନୂତନ ଦିଗ ଓ ରୂପ ସୃଷ୍ଟି କରିଥାଏ । ତାଙ୍କର ଲେଖାରେ ଅନନ୍ୟ ଶୈଳୀ ଥାଏ । କାନାଡୀୟ ଲେଖିକା ଏନେ କାର୍ସନ୍ ୧୯୯୦ ଦଶକରେ ଅନେକ ଉଚ୍ଚ ପ୍ରଶଂସିତ କୃତି ରଚନା କରିଥିଲେ। ଏଗୁଡ଼ିକ ମଧ୍ୟରେ ରହିଛି 'ଦି ଗ୍ଲାସ୍ ଏସେ', ଯାହା 'ଗ୍ଲାସ୍, ଆଇରନି, ଆଣ୍ଡ ଗଡ୍' (Glass, Irony, and God - 1995) ସଂକଳନରେ ସ୍ଥାନ ପାଇଛି । ନୋବେଲ୍ କମିଟି ଅନୁଯାୟୀ, କାର୍ସନ୍‌ଙ୍କ ସବୁଠାରୁ ବଡ଼ ଶକ୍ତି ହେଉଛି ଯେ ସେ କେବଳ ପୁରୁଣା କାହାଣୀଗୁଡ଼ିକୁ ପୁନର୍ବାର ଲେଖନ୍ତି ନାହିଁ ବରଂ ସେଗୁଡ଼ିକରେ ନିଜର କଳ୍ପନାଶକ୍ତି ଓ ସମସାମୟିକ ଜୀବନର ଭାବନାକୁ ସଂଯୋଜିତ କରିପାରନ୍ତି। ପ୍ରାୟତଃ ତାଙ୍କ ରଚନାଗୁଡ଼ିକରେ କବିତା, କାହାଣୀ ଏବଂ ପ୍ରବନ୍ଧ ମଧ୍ୟରେ ଥିବା ସୀମାରେଖା ସମାପ୍ତ ପାଇଯାଏ।

## ଏକଲବ୍ୟ ଆବାସିକ ବିଦ୍ୟାଳୟର ଅଧକ୍ଷଙ୍କୁ ବାନ୍ଧିଲା ସିବିଆଇ

**ନୂଆପଡ଼ା, ୮।୧୦:** ଲାଞ୍ଚ ନେବା ଅଭିଯୋଗରେ ନୂଆପଡ଼ା ଜିଲ୍ଲାର ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟର ଅଧକ୍ଷ କ୍ରିଷ୍ଣାମୂର୍ତ୍ତି ନାଇଡୁଙ୍କୁ ସିବିଆଇ ଗିରଫ କରିଛି। ଏଏନଏମ୍ ଭାବେ କାର୍ଯ୍ୟରତ ଜଣେ ଅଭିଯୋଗକାରୀଙ୍କ ସେବା ବୃଦ୍ଧି ପାଇଁ ତାଙ୍କ ନାମ ସୁପାରିସ କରିବା ବଦଳରେ ଲାଞ୍ଚ ଦାବି କରାଯାଇଥିବା ସିବିଆଇ ପକ୍ଷରୁ କୁହାଯାଇଛି। ସିବିଆଇର ସୂଚନା ଅନୁଯାୟୀ, ଅଭିଯୁକ୍ତ ଅଧକ୍ଷ ଅଭିଯୋଗକାରୀଙ୍କ ଠାରୁ ପ୍ରଥମେ ୨୦ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ପରବର୍ତ୍ତୀ ସମୟରେ ସେ ୧୨ ହଜାର ଟଙ୍କା ନେବାକୁ ରାଜି ହୋଇଥିବା ସିବିଆଇ କହିଛି।

### ହାଲ୍‌ଚାଲ୍



ଇଣ୍ଡି ମେଣ୍ଟ ପକ୍ଷରୁ ବାରଘଣ୍ଟିଆ ଓଡ଼ିଶା ବନ୍ଦ ପାଳନ କରାଗଲା ବସ-ଅଟୋ ସେବା ପ୍ରଭାବିତ ଜନଜୀବନ ପ୍ରଭାବିତ ହୋଇଲା ବିଜେପି କହିଲା ପ୍ରଭାବହୀନ ଅସନ୍ତୋଷ ପ୍ରକାଶ ପାଇଲା ।

## ଆଜି ନାମାଙ୍କନ, ସରଗରମ କ୍ୟାମ୍ପସ ରାଜନୀତି

- ବ୍ୟାସନଗର କଲେଜରେ ବୋମାମାଡ଼
- ବାତିଲ ହେଲା ନିର୍ବାଚନ

**ଭୁବନେଶ୍ୱର, ୮।୧୦:** ରାତି ପାହିଲେ ନାମାଙ୍କନ । ସରଗରମ କ୍ୟାମ୍ପସ ରାଜନୀତି । ଛାତ୍ର ସଂସଦ ନିର୍ବାଚନ ନେଇ ବିଜ୍ଞପ୍ତି ପରେ ଉଠୁଛି ପଡୁଛି କଲେଜ କ୍ୟାମ୍ପସ। ଆସନ୍ତାକାଲି ନାମାଙ୍କନ ଦାଖଲ ଥିବାରୁ କଲେଜ ପରିସରର ଉତ୍ସାହ ଦେଖିବାକୁ ମିଳିଛି। ଦୀର୍ଘ ୮ ବର୍ଷ ପରେ କ୍ୟାମ୍ପସ୍‌କୁ ରାଜନୀତି ଫେରିଥିବାରୁ କ୍ଲାସ୍‌ରୁମ୍‌ରୁ ହଷ୍ଟେଲ ସବୁଠି କୋଳାହଳ। ଏବେଠୁ ପ୍ରଚାରରେ ଲାଗିପଡ଼ିଲେଣି ଆଶାୟୀ ପ୍ରାର୍ଥୀ। ଉଚ୍ଚଶିକ୍ଷା ବିଭାଗର ସୂଚନା ଅନୁସାରେ ରାଜ୍ୟର ୧୩ଟି ବିଶ୍ୱବିଦ୍ୟାଳୟ ଓ ୩୨୮ଟି ମହାବିଦ୍ୟାଳୟରେ ହେବ ନିର୍ବାଚନ। ସେହିଭଳି ୩ଟି ବିଶ୍ୱବିଦ୍ୟାଳୟ ଓ ୨୦୨ଟି ମହାବିଦ୍ୟାଳୟରେ ଚୟନ ପଦ୍ଧତିରେ ବାଛିବେ ଛାତ୍ରନେତା ।

ସେପଟେ ନାମାଙ୍କନ ହୋଇନଥିଲେ ମଧ ନିଜ ସପକ୍ଷରେ ଛାତ୍ରଛାତ୍ରୀଙ୍କୁ ଆକୃଷ୍ଟ କରିବାକୁ ମାତିଲେଣି ଛାତ୍ର ନେତା। କ୍ୟାମ୍ପସ୍‌ରେ ଚକ୍‌ଲେଟ୍, ବିରିୟାନୀ, ପୁସିଂକାର୍ଡ ବାଣ୍ଟି, ମିଠା ଖୁଆଇ, କେକ କାଟି ଛାତ୍ରଛାତ୍ରୀଙ୍କ ସମର୍ଥନ ଲୋଡ଼ିଛନ୍ତି।



ଛାତ୍ର ସଂସଦ ନିର୍ବାଚନରେ ମୌଳିକ ସୁବିଧା, ଭିତ୍ତିଭୂମୀ, କ୍ୟାମ୍ପସରେ ସୁରକ୍ଷା, ହଷ୍ଟେଲ ସମସ୍ୟାର ସମାଧାନ, ଜେନଜି ପ୍ରମୁଖ ପ୍ରସଙ୍ଗ ପାଲଟିବ । ବ୍ୟାସନଗର କଲେଜରେ ନିର୍ବାଚନ ବାତିଲ । ବୋମା ମାଡ଼ ପରେ କଲେଜ ଅଧକ୍ଷଙ୍କ ନିଷ୍ପତ୍ତି ।

ନିର୍ବାଚନ ପୂର୍ବରୁ ଅଶାନ୍ତ କଲେଜ ପରିସର। ନିର୍ବାଚନ ପୂର୍ବରୁ ଯାଜପୁର ବ୍ୟାସନଗର ସ୍ୱୟଂ ଶାସିତ ମହାବିଦ୍ୟାଳୟ ପରିସରରେ ବୋମା ମାଡ଼ପରେ ନିର୍ବାଚନକୁ ବାତିଲ କରିଦିଆଯାଇଛି। ଭୋରରେ ଅଧକ୍ଷଙ୍କ ବାସଭବନ ଆଗରେ ବୋମା ମାଡ଼ ସହ ପଠାଣି ସାମନ୍ତ ଛାତ୍ରାବାସ ଆଗରେ ୪ଟି ବୋମା ଫୁଟିଛି । ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସେପଟେ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ହଷ୍ଟେଲ କ୍ୟାମ୍ପସରେ ଅଣଛାତ୍ର ଢେଲା ମାଡ଼ କରୁଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଭଦ୍ରକ ସହରାଞ୍ଚଳ ଥାନା ଘେରିଥିଲେ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ।

ଯାଜପୁର ଜିଲ୍ଲାର ପ୍ରମୁଖ ଶିକ୍ଷାନୁଷ୍ଠାନ ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟରେ କଲେଜ କାଉନସିଲ ନିର୍ବାଚନକୁ ନେଇ ପରିସ୍ଥିତି ଅଶାନ୍ତ ହୋଇପଡ଼ିଛି । କ୍ୟାମ୍ପସରେ ପ୍ରାକ୍ ନିର୍ବାଚନୀ ହିଂସାକାଣ୍ଡ ଘଟି ଏକାଧିକ ସ୍ଥାନରେ ଦୁର୍ବୃତ୍ତମାନେ ବୋମା ମାଡ଼ କରିଛନ୍ତି । ଏହି ଘଟଣା ପରେ ବ୍ୟାସନଗର କଲେଜରେ ନିର୍ବାଚନ ବାତିଲ ହୋଇଛି ।

## ଟ୍ରକ ଧକ୍କାରେ ଦମ୍ପତି ମୃତ

**ନୂଆପଡ଼ା, ୮।୧୦:** ଘରକୁ ଫେରୁଥିବା ବେଳେ ଦମ୍ପତିଙ୍କୁ ଧକ୍କା ଦେଲା ଦ୍ରୁତଗାମୀ ଟ୍ରକ୍। ଘଟଣାସ୍ଥଳରେ ହିଁ ଚାଲିଗଲା ଦୁଇ ଜୀବନ। ଗୁରୁବାର ସକାଳେ ନୂଆପଡ଼ା ଜିଲ୍ଲା ଖଡ଼ିଆଳ ଅଞ୍ଚଳରେ ଏନ୍‌ଏଚ୍-୩୫୩ରେ ଘଟିଛି ଏହି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା।

ସୂଚନା ଅନୁଯାୟୀ, ଖଡ଼ିଆଳ ଥାନା ଅଧୀନ ଟିଖାଲି ଛକ ନିକଟରେ ଏହି ଦୁର୍ଘଟଣା ଘଟିଥିଲା। ମୃତକ ଦମ୍ପତି ହେଲେ କୋମନା ଥାନା ଅଧୀନ ବିରୁନପଦର ଗାଁର କପୁରଚନ୍ଦ ପଟେଲ ଓ ତାଙ୍କ ପତ୍ନୀ ମନ୍ଦାକିନୀ ପଟେଲ। କପୁରଚନ୍ଦ ଓ ମନ୍ଦାକିନୀ ଖଡ଼ିଆଳ ବ୍ଲକ୍‌ର କୋଟିପଦର ଗାଁକୁ ଜଣେ ସମ୍ପର୍କୀୟଙ୍କ ଘରକୁ ଯାଇଥିଲେ। ଗୁରୁବାର ସକାଳେ ଦୁହେଁ ଏକ ବାଇକ୍‌ରେ ଘରକୁ ଫେରୁଥିଲେ। ଟିଖାଲି ଛକ ନିକଟରେ ଏକ ଦ୍ରୁତଗାମୀ ଟ୍ରକ୍ ତାଙ୍କ ବାଇକକୁ ଧକ୍କା ଦେଇଥିଲା।

ଟ୍ରକ୍ ଧକ୍କା ଏତେ ଜୋର୍‌ଦାର ଥିଲା ଯେ, ଦମ୍ପତିଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ପରେ

**ନୂଆପଡ଼ାରେ ମର୍ମନ୍ତୁଦ ଦୁର୍ଘଟଣା**

ଟ୍ରକ୍ ଚାଳକ ଗାଡ଼ି ଛାଡ଼ି ଫେରାର ହୋଇଯାଇଥିବା ଜଣାପଡ଼ିଛି।

ଘଟଣାକୁ ନେଇ ସ୍ଥାନୀୟ ଲୋକେ ଉତ୍ତେଜିତ ହୋଇ ରାସ୍ତା ଅବରୋଧ କରିଥିଲେ। ମୃତକଙ୍କ ପରିବାରକୁ ଉଚିତ କ୍ଷତିପୂରଣ ଦାବି କରିଥିଲେ। ଖବର ପାଇ ଖଡ଼ିଆଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଫେରାର ଟ୍ରକ୍ ଓ ଚାଳକଙ୍କୁ ଧରିବା ପାଇଁ ପୋଲିସ ଖୋଜାଖୋଜି ଜାରି ରଖିଛି।

# ହ୍ୟାଲୋ ବଲିଉଡ୍





## ପ୍ରାଇଭେଟ୍ ଭିଡିଓ ଲିକ୍ ମାମଲା ନେଇ ମୁହଁ ଖୋଲିଲେ ଅପୂର୍ବା

ପ୍ରସିଦ୍ଧ ଇନଫ୍ଲୁଏନ୍ସର ତଥା 'ଦ ରିବେଲ କିଡ୍' ଭାବେ ପରିଚିତ ଅପୂର୍ବା ମଖିଜା ନିଜର ବୋଲ୍ଡ ଅନ୍ଦାଜ ଏବଂ ବିଭିନ୍ନ କାରଣରୁ ସବୁବେଳେ ଚର୍ଚ୍ଚାରେ ରୁହନ୍ତି । ଗତ କିଛି ଦିନ ହେବ ତାଙ୍କର ଏବଂ ତାଙ୍କ ବୟଫ୍ରେଣ୍ଡ ଅମିନ ଜାଜ୍‌ଙ୍କର ଏକ ପ୍ରାଇଭେଟ୍ କିସିଂ ଭିଡିଓ ଇଣ୍ଟରନେଟରେ ଭାଇରାଲ ହେବା ପରେ ସୋସିଆଲ ମିଡିଆରେ ହଇଚଇ ସୃଷ୍ଟି ହୋଇଥିଲା । ବର୍ତ୍ତମାନ ଏହି ବିବାଦ ଏବଂ ଘଟଣାକୁ ନେଇ ଅପୂର୍ବା ପ୍ରଥମଥର ପାଇଁ ନିଜ ପ୍ରତିକ୍ରିୟା ଦେଇଛନ୍ତି । ଅପୂର୍ବା ଖୁଲାସା କରିଛନ୍ତି ଯେ ସୋସିଆଲ ମିଡିଆରେ ଯେଉଁ ଭିଡିଓଟି ଅତି ଦ୍ରୁତ ଗତିରେ ଭାଇରାଲ ହୋଇଥିଲା, ତାହା ପ୍ରାୟ ୧ ବର୍ଷ ପୁରୁଣା ଥିଲା । ଏହା ସହିତ ସେ ସ୍ପଷ୍ଟ କରିଛନ୍ତି ଯେ ଏହି ଭିଡିଓ କୌଣସି ତୁର୍କୀ ଟ୍ରିପ୍‌ର ନଥିଲା, ବରଂ ଏକ ପ୍ରାଇଭେଟ୍ ପାର୍ଟି ସମୟରେ ଶୁଟ୍ କରାଯାଇଥିଲା । ଏହି ବ୍ୟକ୍ତିଗତ ମୁହୂର୍ତ୍ତରେ ଅପୂର୍ବା ଏବଂ ଅମିନଙ୍କୁ ଜମା ବି ଅନୁଭବ ନଥିଲା ଯେ କେହି ସେମାନଙ୍କର ଏହି ଭିଡିଓ ରେକର୍ଡ କରୁଛନ୍ତି । ଅପୂର୍ବା ସେହି ଭୟଙ୍କର ମୁହୂର୍ତ୍ତକୁ ମନେ ପକାଇ କହିଛନ୍ତି ଯେ, ମାସ ମାସ ପରେ ହଠାତ୍ ଯେତେବେଳେ ଏହି ପ୍ରାଇଭେଟ୍ କ୍ଲିପ୍ ଇଣ୍ଟରନେଟରେ ଲିକ୍ ହେଲା, ସେତେବେଳେ ତାଙ୍କ ଫୋନ୍ ମେସେଜ୍‌ରେ ଭର୍ତ୍ତି ହୋଇଯାଇଥିଲା । ଘଟଣା ସମୟରେ ଅପୂର୍ବା ତୁର୍କୀରୁ ନ୍ୟୁୟର୍କ ଫେରୁଥିଲେ ଏବଂ ଲଣ୍ଡନର ହିଥ୍ରୋ ଏୟାରପୋର୍ଟରେ ତାଙ୍କର ଲେଓଭର ଥିଲା । ଫ୍ଲାଇଟ୍ ଡିଲେ ହେବାରୁ ଯେତେବେଳେ ସେ ଫୋନ୍ ଚେକ୍ କଲେ, ସେତେବେଳେ ଦେଖିଲେ ଯେ ଲୋକଙ୍କର ଅନେକ ମେସେଜ୍ ଆସିଛି ଏବଂ ସମସ୍ତେ ପଚାରୁଛନ୍ତି ଯେ ସେମାନେ ଭାଇରାଲ ଭିଡିଓଟି ଦେଖିଛନ୍ତି କି ନାହିଁ ।

# ଡଲାର ତୁଳନାରେ ପୁଣି ଖସିଲା ଟଙ୍କା



**ନୂଆଦିଲ୍ଲୀ:** ବିଶ୍ୱ ବଜାରର ଆହ୍ୱାନପୂର୍ଣ୍ଣ ସ୍ଥିତି ଯୋଗୁ ଡଲାର ତୁଳନାରେ ଟଙ୍କାର ବିନିମୟ ଦୁର୍ବଳ ହୋଇଚାଲିଛି । ଟଙ୍କା ମୂଲ୍ୟ ୯୭ ସ୍ତର ଛୁଇଁଛି । କାରବାର ସମୟରେ ବୁଧବାର ଟଙ୍କା ମୂଲ୍ୟ ୯୭.୧୫୧ ସ୍ତର ଛୁଇଁଥିଲା । ଦିନ ମଧ୍ୟରେ ଟଙ୍କା ପ୍ରଥମେ ୯୬.୮୩ ସ୍ତରକୁ ଖସିଥିଲା ।

ଫଳରେ ଟଙ୍କା ଏସିଆର ସବୁଠୁ ଦୁର୍ବଳ ପ୍ରଦର୍ଶନକାରୀ ମୁଦ୍ରା ପାଲଟିଛି । କାରବାର ଶେଷ ବେଳ ୯୬.୭୮ ସ୍ତରରେ ରହିଛି । ଯାହା ୫ ମାସର ସର୍ବନିମ୍ନ ସ୍ତର । ଅଦ୍ୟାବଧି ଟଙ୍କାର ସର୍ବନିମ୍ନ ସ୍ତର ୯୬.୯୮ ରହିଥିଲା । ଟଙ୍କା ମୂଲ୍ୟରେ ହ୍ରାସକୁ ରୋକିବା ଲାଗି ରିଜର୍ଭ ବ୍ୟାଙ୍କ ଗତ ୨ ସପ୍ତାହ ହେବ ଉଦ୍ୟମ ଜାରି ରଖିଛି । କାରଣ ଟଙ୍କା ବାସ୍ତବ ପକ୍ଷେ ୯୭ ସ୍ତର ଟପିଲେ ନୂଆ ରେକର୍ଡ ନିମ୍ନ ସ୍ତର ଛୁଇଁବ ।

ବଜାର ସ୍ଥିତିକୁ ନଜରରେ ରଖି ରିଜର୍ଭବ୍ୟାଙ୍କ ଏହାର ରେପୋ ହାରରେ ୦.୨୫% ବୃଦ୍ଧି କରିଛି । ଆଗାମୀ ଦିନରେ ମଧ୍ୟ କେନ୍ଦ୍ରୀୟ ବ୍ୟାଙ୍କ ଏହାର ରେପୋ ହାରରେ ବୃଦ୍ଧି କରିବା ସମ୍ଭାବନା ରହିଛି । ବିଶ୍ୱ ବଜାର ସ୍ଥିତି ସଙ୍କଟାପନ୍ନ ଥିବାରୁ ଟଙ୍କାର ବିନିମୟ ମୂଲ୍ୟ ଉପରେ ଚାପ ରହିବ । ଡଲାର ତୁଳନାରେ ଟଙ୍କା ମୂଲ୍ୟ ୯୬.୪୫ରୁ ୯୭.୨୫ ସ୍ତର ଛୁଇଁପାରେ ବୋଲି ଏଲକେପି ସିକ୍ୟୁରିଟିଜ୍‌ର ରିସର୍ଚ୍ଚ ଆନାଲିଷ୍ଟ ଯତିନ ତ୍ରିବେଦୀ କହିଛନ୍ତି ।

# ମଝି ଆକାଶରେ ଇଣ୍ଡିଗୋ ବିମାନ ଉପରେ ବଜ୍ରପାତ



**ଲକ୍ଷ୍ନୌ:** ପାଟନାରୁ ଲକ୍ଷ୍ନୌ ଯାଉଥିବା ଏକ ଇଣ୍ଡିଗୋ ବିମାନ ଏକ ବଡ଼ ଦୁର୍ଘଟଣାର ସମ୍ମୁଖୀନ ହୋଇଛି । ଉଡ଼ାଣ ସମୟରେ ବିମାନ ଉପରେ ବଜ୍ରପାତ ହୋଇଥିବା ଦାବି କରାଯାଉଛି । ଫଳରେ ବମାନକୁ ଲକ୍ଷ୍ନୌରେ ଜରୁରୀକାଳୀନ ଅବତରଣ କରିବାକୁ ପଡ଼ିଥିଲା । ଲ୍ୟାଣ୍ଡିଂ ପରେ ବିମାନର ଅଗ୍ର ଭାଗ କ୍ଷତିଗ୍ରସ୍ତ ହୋଇଥିବା ଦେଖିବାକୁ ମିଳିଛି ।

ବୁଧବାର ସନ୍ଧ୍ୟାରେ ପାଟନାରୁ ଲକ୍ଷ୍ନୌ ଅଭିମୁଖେ ଯାଉଥିବା ଇଣ୍ଡିଗୋ ବିମାନର 'ନୋଜ୍' କ୍ଷତିଗ୍ରସ୍ତ ହୋଇଥିବା ଦେଖିବାକୁ ମିଳିଥିଲା । ଏହା ପରେ ଇଣ୍ଡିଗୋ ପକ୍ଷରୁ ଏନେଇ ଡିଜିସିଏକୁ ସୂଚନା ଦିଆଯିବା ସହ ବିମାନକୁ ଗ୍ରାଉଣ୍ଡ କରି ଦିଆଯାଇଥିଲା । ବିମାନର ଆଗ ପଟ କ୍ଷତିଗ୍ରସ୍ତ ହେବା ପଛରେ ବିଜୁଳି ମାରିଥିବା ଆଶଙ୍କା କରାଯାଉଛି । ତେବେ ଏପରି ହେବାର ସମ୍ଭାବନା ଅତି କମ୍ ରହିଛି ବୋଲି କୁହାଯାଉଛି । ସମସ୍ତ ଦିଗକୁ ନେଇ ଯାଞ୍ଚ ଚାଲିଛି ।

ଏହି ବିମାନରେ ପ୍ରାୟ ୧୭୦ ଜଣ ଯାତ୍ରୀ ଯାତ୍ରା କରୁଥିଲେ । ପାଟନାରୁ ଲକ୍ଷ୍ନୌ ଆସିବା ପରେ ଏହି ବିମାନଟି ଅହମ୍ମଦାବାଦ ପାଇଁ ଉଡ଼ାଣ ଭରିବାର ଥିଲା । ଏୟାରଲାଇନ୍ସ ଯାତ୍ରୀମାନଙ୍କୁ ଫ୍ଲାଇଟ୍ ବାତିଲ ହେବା ନେଇ ସୂଚନା ଦେବା ସହ ଅନ୍ୟ ବିମାନରେ ଯିବା କିମ୍ବା ଟଙ୍କା ଫେରସ୍ତର ବିକଳ୍ପ ଦେଇଥିଲା ।

ସୂତ୍ର ଅନୁସାରେ, ଇଣ୍ଡିଗୋର ଉଡ଼ାଣ (୬ର-୯୨୫) ପାଟନାରୁ ଲକ୍ଷ୍ନୌ ଅଭିମୁଖେ ବାହାରିଥିଲା । ପ୍ରାଥମିକ ସୂଚନା ଅନୁସାରେ, ଅବତରଣ ସମୟରେ ପ୍ରାୟ ୧୭,୦୦୦ ଫୁଟ ଉଚ୍ଚତାରେ ବାଦଲ ଭିତରେ କିଛି ଘଟିଥିଲା ବୋଲି ପାଇଲଟ୍ ଏଟିସିକୁ ଜଣାଇଥିଲେ । ବୋଧହୁଏ ବିଜୁଳି

**ଅଗ୍ର ଭାଗ କ୍ଷତିଗ୍ରସ୍ତ, ଯାତ୍ରା କରୁଥିଲେ ୧୭୦ ଯାତ୍ରୀ**

ମାରିଥିଲା । ଓହ୍ଲାଇବା ପରେ ବିମାନର ଯାଞ୍ଚ କରାଯିବାରୁ ତାହାର ଆଗ ପଟ କ୍ଷତିଗ୍ରସ୍ତ ହୋଇଥିବା ଦେଖିବାକୁ ମିଳିଥିଲା । ଲକ୍ଷ୍ନୌରେ ଓହ୍ଲାଇବା ପରେ ବୈଷୟିକ ଟିମ୍ ବିମାନର ଯାଞ୍ଚ ଆରମ୍ଭ କରିଥିଲେ । ବିମାନର ଅନ୍ୟ କୌଣସି ଅଂଶ ଉପରେ ଏହାର ପ୍ରଭାବ ପଡ଼ିଛି କି ନାହିଁ, ତାହା ମଧ୍ୟ ଯାଞ୍ଚ କରାଯାଇଥିଲା ।

ଆଭିଏସନ୍ ବିଶେଷଜ୍ଞଙ୍କ ବୟାନକୁ ନେଇ ଲାଇଭ୍ ହିନ୍ଦୁସ୍ତାନ ରିପୋର୍ଟ ଅନୁସାରେ, ବାଦଲ ଭିତରେ ବଡ଼ ବଡ଼ କୁଆପଥର ବି ରହିଥାଏ । ଏହାସହ ଧକ୍କା ହେବା ଦ୍ୱାରା ମଧ୍ୟ ବିମାନ କ୍ଷତିଗ୍ରସ୍ତ ହେବାର ଆଶଂକା ରହିଛି । ଏହା ବ୍ୟତୀତ କୌଣସି ପକ୍ଷୀ ସହିତ ମଧ୍ୟ ଧକ୍କା ହୋଇପାରେ । ବଜ୍ରପାତ ନେଇ ଯେଉଁ ଆଶଂକା ପ୍ରକାଶ କରାଯାଉଛି, ତାର ସମ୍ଭାବନା କମ । ବର୍ତ୍ତମାନ ପାଇଲଟଙ୍କ ରିପୋର୍ଟକୁ ଗୋପନୀୟ ରଖାଯାଇଛି ।

**ମହଙ୍ଗା ଔଷଧ ଲେଖିବା ପାଇଁ ଡାକ୍ତରଙ୍କୁ ଫାର୍ମା କମ୍ପାନୀଙ୍କ ମହଙ୍ଗା ଉପହାର**

# କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସୁପ୍ରିମକୋର୍ଟଙ୍କ ପ୍ରସ୍ତୁତି

*କେନ୍ଦ୍ର ସରକାର କୋର୍ଟରେ ଏହି ସୁପାରିଶଗୁଡ଼ିକର ଏକ ରିପୋର୍ଟ ଦାଖଲ କରିବେ ବୋଲି ଜଷ୍ଟିସ୍ ବିକ୍ରମ ନାଥ ଏବଂ ଜଷ୍ଟିସ୍ ସନ୍ଦୀପ ମେହେଟ୍ଟାଙ୍କ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି ।*



**ନୂଆଦିଲ୍ଲୀ:** ଡାକ୍ତରଙ୍କୁ ପ୍ରଲୋଭିତ କରିବା ପାଇଁ ଔଷଧ କମ୍ପାନିଗୁଡ଼ିକ ମହଙ୍ଗା ଉପହାର ପ୍ରଦାନ କରୁଥିବା ପ୍ରସଙ୍ଗର ତଦନ୍ତ ପାଇଁ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ଏକ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ବ୍ୟକ୍ତି ଏବଂ ସଂଗଠନର ପରାମର୍ଶ ଏବଂ ଆପତ୍ତି ଆଧାରରେ, ଏହି କମିଟି ଡାକ୍ତରମାନଙ୍କୁ ମହଙ୍ଗା ଉପହାର ପ୍ରଦାନ କରିବା ପ୍ରକ୍ରିୟାକୁ ରୋକିବା ପାଇଁ ସୁପାରିଶ କରିବ । କେନ୍ଦ୍ର ସରକାର କୋର୍ଟରେ ଏହି ସୁପାରିଶଗୁଡ଼ିକର ଏକ ରିପୋର୍ଟ ଦାଖଲ କରିବେ ବୋଲି ଜଷ୍ଟିସ୍ ବିକ୍ରମ ନାଥ ଏବଂ ଜଷ୍ଟିସ୍ ସନ୍ଦୀପ ମେହେଟ୍ଟାଙ୍କ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି । ଏକ ଆବେଦନରେ ଅଭିଯୋଗ କରାଯାଇଛି ଯେ, କିଛି ଔଷଧ କମ୍ପାନି ରୋଗୀମାନଙ୍କୁ ପାଇଁ ସେମାନଙ୍କର ମହଙ୍ଗା ଔଷଧ ଲେଖିବା ଲାଗି ଡାକ୍ତରମାନଙ୍କୁ ମହଙ୍ଗା ଉପହାର ପ୍ରଦାନ କରିଥାନ୍ତି । ଏହା ଉପରେ ରୋକ ଲଗାଯିବା ଉଚିତ୍ ।କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, ଔଷଧ କମ୍ପାନୀଗୁଡ଼ିକର ମାର୍କେଟିଂ ପଦ୍ଧତିକୁ ନିୟନ୍ତ୍ରଣ କରିବା ପାଇଁ କେନ୍ଦ୍ର ସରକାରଙ୍କୁ ଏକ କମିଟି ଗଠନ କରିବାକୁ ପଡ଼ିବ । କେନ୍ଦ୍ର ସରକାର ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ କରିବା ସମ୍ପର୍କରେ ଏକ ସତ୍ୟପାଠ ଦାଖଲ କରିବେ । ସୁପ୍ରିମକୋର୍ଟ ୨୦୨୭ ଜାନୁଆରି ୨୯ରେ ମାମଲାର ପରବର୍ତ୍ତୀ ଶୁଣାଣି କରିବେ । କୋର୍ଟ ସେପ୍ଟେମ୍ବର ୮ ତାରିଖରେ ଏହି ମାମଲାରେ ତାଙ୍କର ନିଷ୍ପତ୍ତି ସଂରକ୍ଷିତ ରଖିଥିଲେ । ଡାକ୍ତରମାନଙ୍କୁ ପ୍ରଲୋଭିତ କରିବା ପାଇଁ ଔଷଧ କମ୍ପାନିଗୁଡ଼ିକ ଦ୍ୱାରା ମହଙ୍ଗା ଉପହାର, ବିଦେଶ ଯାତ୍ରା ଏବଂ ଅନ୍ୟାନ୍ୟ ସୁବିଧା ପ୍ରଦାନ କରିବା ଭଳି ଅନୈତିକ ମାର୍କେଟିଂ ପଦ୍ଧତିକୁ ରୋକିବା ପାଇଁ କୋର୍ଟ କେନ୍ଦ୍ର ସରକାରଙ୍କୁ ଏକ ତିନି ସଦସ୍ୟ ବିଶିଷ୍ଟ ବିଶେଷଜ୍ଞ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

କେନ୍ଦ୍ର କହିଛି ଯେ, ଔଷଧ କମ୍ପାନିଗୁଡ଼ିକରୁ ଉପହାର, ଯାତ୍ରା, ଆତିଥ୍ୟ କିମ୍ବା ନଗଦ/ଆର୍ଥିକ ଲାଭ ଗ୍ରହଣ କରୁଥିବା ଡାକ୍ତରମାନଙ୍କ ବିରୋଧରେ ଜାତୀୟ ଚିକିତ୍ସା କମିସନ ଆଇନ ୨୦୧୯ ଏବଂ ବୃତ୍ତିଗତ ଆଚରଣ ନିୟମ ପୂର୍ବରୁ ଲାଗୁ କରାଯାଇଛି । ଏହି ନିୟମର ଉଲ୍ଲଂଘନ କଲେ ଡାକ୍ତରମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ପ୍ରାବଧାନ ରହିଛି ।

କେନ୍ଦ୍ର ସ୍ୱୀକାର କରିଛି, ଔଷଧ କମ୍ପାନିଗୁଡ଼ିକ ଦ୍ୱାରା ଡାକ୍ତରମାନଙ୍କୁ ପ୍ରଭାବିତ କରିବା ପାଇଁ ବ୍ୟବହୃତ ଅନୈତିକ ଅଭ୍ୟାସଗୁଡ଼ିକୁ ସିଧାସଳଖ ନିୟନ୍ତ୍ରଣ କରିବାରେ ନିୟାମକରେ ତ୍ରୁଟି ରହିଛି । ଏହି ତ୍ରୁଟିକୁ ଯାଞ୍ଚ କରିବା ପାଇଁ ଏବେ ଏକ ତିନି ସଦସ୍ୟ ବିଶିଷ୍ଟ ବିଶେଷଜ୍ଞ କମିଟି ଗଠନ କରାଯିବ । ଏହି କମିଟି ନିର୍ଣ୍ଣୟ କରିବେ, ଔଷଧ କମ୍ପାନିଗୁଡ଼ିକ ପାଇଁ ଏକ ପୃଥକ ବୈଧାନିକ ଢାଞ୍ଚାର ଆବଶ୍ୟକତା ରହିଛି କି ନାହିଁ ଅବା ବିଦ୍ୟମାନ ଆଇନକୁ ଅଧିକ ସୁଦୃଢ଼ କରାଯିବା ଆବଶ୍ୟକ କି ନାହିଁ ।

## ଆସନ୍ତାବର୍ଷକୁ ଘୁଞ୍ଚିପାରେ ୟୁପିଆଇ ନେଣଦେଣରେ ଶୁଳ୍କ ଲାଗୁ ତାରିଖ

**ନୂଆଦିଲ୍ଲୀ:** ଆସନ୍ତାବର୍ଷକୁ ଘୁଞ୍ଚିପାରେ ୟୁପିଆଇ ନେଣଦେଣରେ ଶୁଳ୍କ ଲାଗୁ ତାରିଖ । ଅକ୍ଟୋବର ୧୫ ପରିବର୍ତ୍ତେ




ଆସନ୍ତାବର୍ଷ ଜାନୁଆରି ୧ରୁ ଲାଗୁ ହୋଇପାରେ ନିୟମ । ପାର୍ବଣ ଋତୁ ସରିବା ପରେ, ୨୦୨୭ ଜାନୁଆରି ୧ରୁ ୟୁପିଆଇ ନେଣଦେଣ ଉପରେ ମର୍ଚ୍ଚାଣ୍ଟ ଡିସାକାଉଣ୍ଟ ରେଟ୍ ବା ଏମ୍‌ଡିଆର୍ ଲାଗୁ କରିପାରନ୍ତି କେନ୍ଦ୍ର ସରକାର । ଏହି ପ୍ରସ୍ତାବ ବିଚାରାଧୀନ ଥିବା ଜାତୀୟ ଗଣମାଧମରେ ଖବର ପ୍ରକାଶ ପାଇଛି । ତେବେ କେନ୍ଦ୍ର ଅର୍ଥ ମନ୍ତ୍ରାଳୟ ପକ୍ଷରୁ ବିଧିବଦ୍ଧ ଭାବେ ଏସଂପର୍କିତ କୌଣସି ବିଜ୍ଞପ୍ତି ଜାରି କରାଯାଇନାହିଁ । ଆଗାମୀ କିଛି ଦିନ ମଧ୍ୟରେ ଏ ନେଇ ନିଷ୍ପତ୍ତି ଚୂଡ଼ାନ୍ତ ହେବାର ସମ୍ଭାବନା ରହିଛି ।

# ୟେମେନର ୮୨ ହୁତି ସାମରିକ ଠିକଣା ଧ୍ୱଂସ

**ରିୟାଦ:** ୟେମେନରେ ହୁତି ବିଦ୍ରୋହୀ ଓ ସାଉଦି ସମର୍ଥିତ ସରକାରୀ ବାହିନୀ ମଧ୍ୟରେ ଯୁଦ୍ଧ ତୀବ୍ର ହେବା ମଧ୍ୟରେ ସାଉଦି ଆରବର ଦୁଇଟି ଅନ୍ତର୍ଜାତୀୟ ବିମାନବନ୍ଦର ଉପରେ ମିସାଇଲ୍ ଓ ଡ୍ରୋନ୍ ଆକ୍ରମଣ ହୋଇଛି । ଅକ୍ଟୋବର ୬ ଓ ୭ରେ ରିୟାଦର କିଙ୍ଗ୍

**କଡ଼ା ଜବାବ ଦେଲା ସାଉଦି ଆରବ**




ଖାଲିଦ୍ ଅନ୍ତର୍ଜାତୀୟ ବିମାନବନ୍ଦର ଏବଂ ଦକ୍ଷିଣ-ପଶ୍ଚିମ ସାଉଦିର ଆଭା ଅନ୍ତର୍ଜାତୀୟ ବିମାନବନ୍ଦରକୁ ନିଶାଣ କରି ଏହି ଆକ୍ରମଣ କରାଯାଇଥିଲା । ଏଥିରେ ୩ ଜଣଙ୍କ ମୃତ୍ୟୁ ସହ ୩୬ ଜଣ ଆହତ ହୋଇଛନ୍ତି । ଇରାନ ସମର୍ଥିତ ହୁତିମାନେ ଏହି ଆକ୍ରମଣର ଦାୟିତ୍ୱ ନେଇଛନ୍ତି ।

ସାଉଦି ବେସାମରିକ ବିମାନ ଚଳାଚଳ କର୍ତ୍ତୃପକ୍ଷଙ୍କ ଅନୁଯାୟୀ, ଆଭା ବିମାନବନ୍ଦରରେ ହୋଇଥିବା ଆକ୍ରମଣରେ ମରକ୍କୋ ଓ ଆଲଜେରିଆର ଦୁଇ ମହିଳାଙ୍କ ମୃତ୍ୟୁ ହୋଇଛି । ସେଠାରେ ୨୮ ଜଣ ଆହତ ହୋଇଛନ୍ତି । ଅନ୍ୟପକ୍ଷରେ ରିୟାଦର କିଙ୍ଗ୍ ଖାଲିଦ୍ ବିମାନବନ୍ଦରରେ ହୋଇଥିବା ଆକ୍ରମଣରେ ସୁଦାନର ଜଣେ ନାଗରିକ ପ୍ରାଣ ହରାଇଥିବାବେଳେ ୮ ଜଣ ଆହତ ହୋଇଛନ୍ତି । ଆହତମାନଙ୍କୁ ହସ୍ପିଟାଲ ନିଆଯାଇଛି ଏବଂ ବିମାନବନ୍ଦରଗୁଡ଼ିକରେ କ୍ଷୟକ୍ଷତିର ଯାଞ୍ଚ କରାଯାଉଛି । ସାଉଦି ଆରବ ଏହି ଆକ୍ରମଣର କଡ଼ା ଜବାବ ଦେଇଛି । ସାଉଦି ନେତୃତ୍ୱାଧୀନ ମେଣ୍ଟ ବାହିନୀ ୟେମେନର ସାଆଦା, ହୋଦେଇଦା, ଅଲ୍ ଜୌଫ୍ ଓ ମାରିବ୍ ପ୍ରଦେଶରେ ୮୨ଟି ହୁତି ସାମରିକ ଠିକଣା ଧ୍ୱଂସ କରିଥିବା ଘୋଷଣା କରିଛି । ଏଥିରେ ୧୧ଟି ବାଲିଷ୍ଟିକ୍ ମିସାଇଲ୍ ଭଣ୍ଡାର, କମାଣ୍ଡ ଓ କଣ୍ଟ୍ରୋଲ୍ କେନ୍ଦ୍ର, ଯୋଗାଯୋଗ ବ୍ୟବସ୍ଥା, ଅସ୍ତ୍ରଶସ୍ତ୍ର ଗୋଦାମ ଓ ହୁତି ଯୋଦ୍ଧାଙ୍କ ସମାବେଶ ସ୍ଥଳ ରହିଛି । ସାଉଦି ମେଣ୍ଟର ମୁଖପାତ୍ର ମେଜର ଜେନେରାଲ୍ ତୁର୍କି ଅଲ୍-ମାଲିକି କହିଛନ୍ତି ଯେ ସାଧାରଣ ନାଗରିକ ଓ ନାଗରିକ ପ୍ରତିଷ୍ଠାନ ଉପରେ ଆକ୍ରମଣକୁ କୌଣସି ପରିସ୍ଥିତିରେ ବରଦାସ୍ତ କରାଯିବ ନାହିଁ ।

ଏହା ମଧ୍ୟରେ ଗୁରୁବାର ହୁତିମାନେ ପୁଣି ରିୟାଦର କିଙ୍ଗ୍ ଖାଲିଦ୍ ଅନ୍ତର୍ଜାତୀୟ ବିମାନବନ୍ଦର ଉପରେ ବାଲିଷ୍ଟିକ୍ ମିସାଇଲ୍ ମାଡ଼ କରିଥିବା ଦାବି କରିଛନ୍ତି । ଏହି ଦାବି ଉପରେ ସାଉଦି ସରକାରଙ୍କ ପକ୍ଷରୁ ତୁରନ୍ତ କୌଣସି ପ୍ରତିକ୍ରିୟା ମିଳିନାହିଁ । ୨୦୨୨ରେ ଯୁଦ୍ଧବିରତି ପରେ ୟେମେନରେ କିଛି ସମୟ ପାଇଁ ଲଢ଼େଇ କମିଥିଲା । ମାତ୍ର ଚଳିତ ବର୍ଷ ଏହା ପୁଣି ତୀବ୍ର ହୋଇଛି । ସେପ୍ଟେମ୍ବରରୁ ୟେମେନରେ ଦୁଇ ଲକ୍ଷରୁ ଅଧିକ ଲୋକ ବିସ୍ଥାପିତ ହୋଇଥିବା ଜାତିସଂଘ ପକ୍ଷରୁ କୁହାଯାଇଛି ।

# ଇରାନ ଉପରେ ବଡ଼ ଆକ୍ରମଣ ପାଇଁ ପ୍ରସ୍ତୁତ ହେଉଛନ୍ତି ଟ୍ରମ୍ପ

## ସେନାକୁ ସଜାଗ ରହିବାକୁ ନିର୍ଦ୍ଦେଶ, ଫୋନ୍‌ରେ ନେତାନ୍ୟାହୁଙ୍କ ସହ କଥା ହେଲେ

*ଆମେରିକା ଏବଂ ଇସ୍ରାଏଲୀ ଅଧିକାରୀମାନେ ଆକ୍ସିଓସକୁ କହିଛନ୍ତି ଯେ, ଯଦି ସାମରିକ କାର୍ଯ୍ୟାନୁଷ୍ଠାନ ପୁଣି ଥରେ ଆରମ୍ଭ ହୁଏ,ତେବେ ଏଥିରେ ଇରାନର ଶକ୍ତି,ଭିତ୍ତିଭୂମି ଏବଂ ପରମାଣୁ ପ୍ରତିଷ୍ଠାନ ଉପରେ ବଡ଼ ଧରଣର ଆକ୍ରମଣ ହେବାର ଆଶଙ୍କା କରାଯାଉଛି । ହ୍ୱାଇଟ୍ ହାଉସର ଜଣେ ଅଧିକାରୀ କହିଛନ୍ତି ଯେ ଟ୍ରମ୍ପଙ୍କ ପାଖରେ ସମସ୍ତ ବିକଳ୍ପ ରହିଛି ।*



**ନ୍ୟୁୟର୍କ:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ତାଙ୍କ ଜାତୀୟ ସୁରକ୍ଷା ଦଳ ଇରାନରେ ବଡ଼ ଧରଣର ସାମରିକ କାର୍ଯ୍ୟାନୁଷ୍ଠାନ ପୁଣି ଆରମ୍ଭ କରିବା ବିଷୟରେ ଆଲୋଚନା କରିଛନ୍ତି । ଯଦିଓ ଟ୍ରମ୍ପ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ନେଇନାହାନ୍ତି, ତେବେ ପେଣ୍ଟାଗନକୁ ସମ୍ଭାବ୍ୟ ନୂତନ ଆକ୍ରମଣ ପାଇଁ ପ୍ରସ୍ତୁତ ହେବାକୁ ନିର୍ଦ୍ଦେଶ ଦିଆଯାଇଛି । ଆକ୍ସିଓସ୍ ରିପୋର୍ଟ ଅନୁଯାୟୀ, ପେଣ୍ଟାଗନ କିଛି ଦିନ ପୂର୍ବରୁ ଆମେରିକାର କେନ୍ଦ୍ରୀୟ କମାଣ୍ଡକୁ ବଡ଼ ଧରଣର ସାମରିକ କାର୍ଯ୍ୟାନୁଷ୍ଠାନ ପୁଣି ଆରମ୍ଭ କରିବା ପାଇଁ ପ୍ରସ୍ତୁତି ସମାପ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲା । ତେବେ ଆକ୍ରମଣ ଆରମ୍ଭ କରିବା ପାଇଁ କୌଣସି ନିର୍ଦ୍ଦିଷ୍ଟ ତାରିଖ ସ୍ଥିର କରାଯାଇ ନାହିଁ । ଆମେରିକା ଏବଂ ଇସ୍ରାଏଲୀ ଅଧିକାରୀମାନେ ଆକ୍ସିଓସକୁ କହିଛନ୍ତି ଯେ, ଯଦି ସାମରିକ କାର୍ଯ୍ୟାନୁଷ୍ଠାନ ପୁଣି ଥରେ ଆରମ୍ଭ ହୁଏ,ତେବେ ଏଥିରେ ଇରାନର ଶକ୍ତି,ଭିତ୍ତିଭୂମି ଏବଂ ପରମାଣୁ ପ୍ରତିଷ୍ଠାନ ଉପରେ ବଡ଼ ଧରଣର ଆକ୍ରମଣ ହେବାର ଆଶଙ୍କା କରାଯାଉଛି । ହ୍ୱାଇଟ୍ ହାଉସର ଜଣେ ଅଧିକାରୀ କହିଛନ୍ତି ଯେ ଟ୍ରମ୍ପଙ୍କ ପାଖରେ ସମସ୍ତ ବିକଳ୍ପ ରହିଛି ।

ଆମେରିକା ଦୃଢ଼ ସ୍ଥିତିରେ ଅଛି କାରଣ ଆମେ ହର୍ମୁଜ୍ ପ୍ରଣାଳୀକୁ ନିୟନ୍ତ୍ରଣ କରୁଛୁ ଏବଂ ଇରାନର ଅର୍ଥନୀତି ଭୁଶୁଡ଼ି ପଡିଛି । ଇରାନ ଖରାପ ଭାବରେ ପ୍ରଭାବିତ ହୋଇଛି ଏବଂ ପରିସ୍ଥିତି ଏବେ ଏଭଳି ଦୁଇଟି ରାସ୍ତା ମଧ୍ୟରୁ ଗୋଟିଏକୁ ଆପଣେଇବାକୁ ପଡ଼ିବ । ଏହା ହୁଏତ ସହଜ ରାସ୍ତା କିମ୍ବା କଷ୍ଟକର ରାସ୍ତା ହୋଇପାରେ ବୋଲି ଅଧିକାରୀ ଜଣକ କହିଛନ୍ତି ।

ଏହି ସମୟରେ ବୁଧବାର ଦିନ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇସ୍ରାଏଲୀ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ସହ ଫୋନ୍ ମାଧ୍ୟମରେ କଥା ହୋଇଛନ୍ତି । କିଛି ଦିନ ମଧ୍ୟରେ ଦୁଇ ନେତାଙ୍କ ମଧ୍ୟରେ ଏହା ଦ୍ୱିତୀୟ ବାର୍ତ୍ତାଳାପ ଥିଲା । ଏହା ପୂର୍ବରୁ ଉଭୟ କିଛି ସପ୍ତାହ ଧରି କଥା ହୋଇନଥିଲେ । ପୂର୍ବରୁ ଦି ଆଟଲାଣ୍ଟିକ୍ ରିପୋର୍ଟ କରିଥିଲା ଯେ, ଟ୍ରମ୍ପ ନଭେମ୍ବରରେ ଆମେରିକାର ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ପୂର୍ବରୁ ଆକ୍ରମଣ ବିଷୟରେ ବିଚାର କରୁଛନ୍ତି ।

ଆକ୍ସିଓସ୍ ରିପୋର୍ଟ କରିଛି ଯେ ଟ୍ରମ୍ପଙ୍କ ଜାତୀୟ ସୁରକ୍ଷା ଦଳ ଶୁକ୍ରବାର କ୍ୟାମ୍ପ ଡେଭିଡରେ କିଛି ଘଣ୍ଟା ଧରି ଯୁଦ୍ଧ ଏବଂ ଅନ୍ୟାନ୍ୟ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ । ଜଣେ ଇସ୍ରାଏଲୀ ଅଧିକାରୀଙ୍କ ଅନୁଯାୟୀ, ବୈଠକରେ ଇରାନ ଉପରେ ପୁଣି ବଡ଼ ଧରଣର ସାମରିକ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବା ନେଇ ଆଲୋଚନା ହୋଇଥିଲା । ଆକ୍ସିଓସ୍ ରିପୋର୍ଟରେ କୁହାଯାଇଛି ଯେ, ଆମେରିକା ଏବଂ ଇରାନ ମଧ୍ୟରେ ଆଲୋଚନାରେ କୌଣସି ଅଗ୍ରଗତି ହୋଇନାହିଁ । ଇସ୍ରାଏଲୀ ଅଧିକାରୀ କହିଛନ୍ତି ଯେ ନିର୍ବାଚନ ପୂର୍ବରୁ ଇରାନରେ ଯୁଦ୍ଧ ପୁଣି ଆରମ୍ଭ ହେବାର ସମ୍ଭାବନା ଅସମ୍ଭବ । ତେବେ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ପରେ ଯୁଦ୍ଧ ସମ୍ଭାବନା ରହିଛି ।

## ରାଶିଫଳ

**ମେଷ :** ଘାତଚନ୍ଦ୍ର, ଘାତତିଥି ଯୋଗୁ ବାଦବିବାଦ, ସ୍ୱାସ୍ଥ୍ୟ, ସ୍ୱଜନ, ପରିଜନ ସହ କଥାବାର୍ତ୍ତା ଏବଂ ଯାନବାହନ ଆରୋହଣ କାଳରେ ସତର୍କ ହେବେ । ମନରେ ଅସ୍ଥିରତା, ପରିବାରରେ ବିବାଦ ଏବଂ ଶତ୍ରୁବୃଦ୍ଧି ଘଟିବ ।

**ବୃଷ:** ଦ୍ୱାଦଶ ଚନ୍ଦ୍ର, ଘାତବାର ଯୋଗୁ ମନରେ ଦୁଶ୍ଚିନ୍ତା, ଦୁର୍ଭାବନା ଓ ହତୋତ୍ସାହ ଭାବ ପ୍ରକାଶ ପାଇବ ଏବଂ ସମସ୍ତ କର୍ମରେ ଭୁଲ୍ ନିଷ୍ପତ୍ତି ନେବେ । ନିଶ୍ଚିତତାକୁ ପରିତ୍ୟାଗ କରି ଅନିଶ୍ଚିତତା ପଛରେ ପଶ୍ଚାତ୍‌ଧାବନ କରିବେ ।

**ମିଥୁନ:** ଏକାଦଶ ଚନ୍ଦ୍ର, ଶନିବାର ଓ ଶୁକ୍ରଙ୍କ ନକ୍ଷତ୍ର ଭୋଗ ହେଉଥିବାରୁ ଧନ, ସମ୍ପଦ, ବୃଦ୍ଧି ପାଇବ ଏବଂ ଆର୍ଥିକ ସ୍ଥିତିରେ ଉନ୍ନତି ଆସିବ । ମନରେ ଉନ୍ନତ ଚିନ୍ତାଧାରା, ଉଚ୍ଚାଭିଳାଷ ପ୍ରକାଶ ପାଇବ ଏବଂ ଉନ୍ନତିମୂଳକ କର୍ମରେ ଧ୍ୟାନ ଅଧିକ ରହିବ ।

**କର୍କଟ:** କର୍ମରେ ଉନ୍ନତି ଏବଂ ନୂତନ କର୍ମାରମ୍ଭର ଯୋଜନା କରିବେ । ମନରେ ସତ୍ ?ଚିନ୍ତା, ସତ୍‌ଭାବନା ପ୍ରକାଶ ପାଇବ ଏବଂ ସତ୍‌କର୍ମରେ ଅଧିକ ଆଗ୍ରହ ରହିବ । କର୍ମରେ ଆଶାଠାରୁ ଅଧିକ ସଫଳତା ଏବଂ କର୍ମ କରିବାର ଶୈଳୀରେ ଉନ୍ନତି ଦେଖାଦେବ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ଯାହା ହେଲେ ମଧ୍ୟ ମନରେ ଆତ୍ମସନ୍ତୋଷ ଓ ଆତ୍ମତୃପ୍ତି ରହିବ ।

**ସିଂହ:** ଘାତବାର ଓ ନବମ ଚନ୍ଦ୍ର ଯୋଗୁ ସମସ୍ତ କର୍ମରେ ଶୁଭଫଳ ମିଳଲେ ମଧ୍ୟ ମନ ବିଷାଦଗ୍ରସ୍ତ ରହିବ ଏବଂ ଚାପଗ୍ରସ୍ତ ରହିବ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ମଧ୍ୟମ ହେବ ଏବଂ କର୍ମରେ ସଫଳତା ଓ ପଦସ୍ଥ ଅଧିକାରୀଙ୍କ କୃପାଲାଭ କରିବେ ।

**କନ୍ୟା:** ଘାତବାର ଓ ଅଷ୍ଟମ ଚନ୍ଦ୍ର ଯୋଗୁ ଧନକ୍ଷତି, ମାନସିକ ଅସ୍ଥିରତା, ପରିବାରରେ ବିବାଦ ଏବଂ ଶାରୀରିକ ପୀଡ଼ା ଭୋଗିବେ । ଉଚିତ୍ କର୍ମରୁ ବିଚ୍ୟୁତ ହୋଇ ଅନୁଚିତ୍ କର୍ମରେ ଅଧିକ ଆଗ୍ରହ ରହିବ ଏବଂ ବିନା କାରଣରେ ବହୁତ ବ୍ୟସ୍ତ ରହିବେ ।

**ତୁଳା:** ଶନିବାର, ଷଷ୍ଠୀ ତିଥି ଓ ଶୁକ୍ରଙ୍କ ନକ୍ଷତ୍ର ଯୋଗୁ ସ୍ତ୍ରୀସୌଖ୍ୟ, ସ୍ତ୍ରୀହେତୁକ ଧନପ୍ରାପ୍ତି ଏବଂ ଦାମ୍ପତ୍ୟ ଜୀବନ ମଧୁର ହେବ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ଉତ୍ତମ ହେବ ଏବଂ କର୍ମରେ ସଫଳତା ଓ ସମ୍ମାନ ମିଳିବ ।

**ବିଛା :** ଷଷ୍ଠ ଚନ୍ଦ୍ର, ଷଷ୍ଠୀ ତିଥି ଯୋଗୁ ଅସମ୍ଭବକୁ ସମ୍ଭବ କରିବାରେ ସମର୍ଥ ହେବେ ଏବଂ ସମସ୍ତ ଆଶା, ଆକାଂକ୍ଷା ଓ ଅଭିଳାଷ ପୂର୍ଣ୍ଣ ହେବ । ମନରେ ପ୍ରସନ୍ନତା, ଶରୀରରେ ସୁସ୍ଥତା, ସମସ୍ତଙ୍କ ସହ ବନ୍ଧୁତା ଏବଂ ସମସ୍ତ କର୍ମରେ ସ୍ୱଚ୍ଛତା ଓ ସମୟାନୁବର୍ତ୍ତିତା ଆପଣାଇବେ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ଉତ୍ତମ ହେବ ।

**ଧନୁ :** ପଞ୍ଚମ ଚନ୍ଦ୍ର ଓ ଘାତ ନକ୍ଷତ୍ର ଯୋଗୁ ସମସ୍ତ କର୍ମରେ ଶୁଭଫଳ ମିଳିଲେ ମଧ୍ୟ ମନ ବିଷାଦଗ୍ରସ୍ତ ରହିବ । ବିଦ୍ୟା, ବୁଦ୍ଧି, ଜ୍ଞାନ, ଗରିମା, ପ୍ରତ୍ୟୁତ୍ପନ୍ନମତି ଓ ଦୂରଦୃଷ୍ଟିର ବିକାଶ ଘଟିବ ଏବଂ ସମସ୍ତ କର୍ମରେ ସଫଳତା ଶୀର୍ଷରେ ରହିବ ।

**ମକର :** ଶୁକ୍ଳପକ୍ଷର ଚତୁର୍ଥ ଚନ୍ଦ୍ର ଯୋଗୁ ବାଦବିବାଦ, ସ୍ୱାସ୍ଥ୍ୟ, ଆର୍ଥିକ କାରବାର ଏବଂ ଯାନବାହନ ଆରୋହଣ କାଳରେ ସତର୍କ ହେବେ । ଗୁରୁଜନଙ୍କ ସହ ବିବାଦ, ପରିବାରରେ ମତାନ୍ତର, ଯାନବାହନରେ ଖର୍ଚ୍ଚାନ୍ତରେ ପଡ଼ିବେ ।

**କୁମ୍ଭ :** ଷଷ୍ଠୀ ତିଥି, ଶନିବାର ଏବଂ ଶୁକ୍ରଙ୍କ ନକ୍ଷତ୍ର ଯୋଗୁ ମନରେ ଉତ୍ସାହ, ଉଦ୍ଦୀପନା, ପରିବାରରେ ସୁଖଶାନ୍ତି ଏବଂ ଭାଇ, ଭଉଣୀଙ୍କ ପ୍ରତି ସ୍ନେହ, ଶ୍ରଦ୍ଧା ଓ ଆନ୍ତରିକତା ଅଧିକ ରହିବ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ଉତ୍ତମ ହେବ ।

**ମୀନ :** ଶୁକ୍ଳପକ୍ଷର ଦ୍ୱିତୀୟ ଚନ୍ଦ୍ର ଯୋଗୁ ଧନ, ସମ୍ପଦ ବୃଦ୍ଧି ପାଇବ । ଅନ୍ୟକୁ ଦେଇଥିବା ଧନ ଫେରି ପାଇବେ ଏବଂ ଅନ୍ୟଠାରୁ ଆଣିଥିବା ଧନ ଫେରାଇବାରେ ସମର୍ଥ ହେବେ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ଉତ୍ତମ ହେବ ଏବଂ ଆୟ ଯେତେ ଅଧିକ ହେଲେ ମଧ୍ୟ ମନରେ ଆତ୍ମସନ୍ତୋଷ ମିଳିବ ନାହିଁ ।

ମାତୃଭାଷା

କଟକ, ଶୁକ୍ରବାର, ଅକ୍ଟୋବର -୯, ୨୦୨୬ ପୃଷ୍ଠା: ୪

## ଜ୍ଞାନେଶ କୁମାରଙ୍କ ବିରୋଧରେ ଦୀପକେଙ୍କ ଅଭିଯାନ ଉପରେ କଂଗ୍ରେସର କବଜା : ରାହୁଲ-ପ୍ରିୟଙ୍କାଙ୍କ ମୋର୍ଚ୍ଚା ବଢ଼ାଇଲା ସିଜେପିର ମୁସ୍କିଲ

ଆ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ବିରୋଧରେ ବିରୋଧୀ ରାଜନୀତିରେ ସକ୍ରିୟତା ବୃଦ୍ଧି ପାଇବା ମଧ୍ୟରେ ଅଭିଜିତ ଦୀପକେଙ୍କ କକରୋଚ ଜନତା ପାର୍ଟି ସମ୍ମୁଖରେ ଏବେ କଂଗ୍ରେସର ଚ୍ୟାଲେଞ୍ଜ ମଧ୍ୟ ଦେଖାଦେବାକୁ ଲାଗିଛି। ରାହୁଲ ଗାନ୍ଧୀ ଏବଂ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଏହି ପ୍ରସଙ୍ଗରେ ଆକ୍ରମଣାତ୍ମକ ଆଭିମୁଖ୍ୟ ଗ୍ରହଣ କରି କ୍ରମାଗତ ଦୁଇ ଦିନ ଧରି ବିକ୍ଷୋଭ ପ୍ରଦର୍ଶନର ପ୍ରୟାସ କରିଥିଲେ। ଉଭୟଙ୍କୁ ଯନ୍ତର-ମନ୍ତର ଯିବା ପୂର୍ବରୁ ଅଟକ ରଖାଯାଇଥିଲା ଏବଂ ପରେ ଛାଡି ଦିଆଯାଇଥିଲା। ଅନ୍ୟପଟେ, ଦୀପକେ ମଧ୍ୟ ଏହି ପ୍ରସଙ୍ଗକୁ ନିଜ ହାତରୁ ଖସିଯିବାକୁ ଦେବାକୁ ଚାହୁଁନାହାନ୍ତି ଏବଂ ସେ ୧୦ ଅକ୍ଟୋବରରେ ଦିଲ୍ଲୀରେ ପୁଣି ଥରେ ବିକ୍ଷୋଭ ପ୍ରଦର୍ଶନ କରିବାକୁ ଘୋଷଣା କରିଛନ୍ତି।

ଏହି ସମ୍ପୂର୍ଣ୍ଣ ଘଟଣାକ୍ରମ ସେହି ରିପୋର୍ଟ ପରେ ତୀବ୍ରତର ହୋଇଥିଲା, ଯେଉଁଥିରେ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ଏବଂ ତାଙ୍କ ସହ କାର୍ଯ୍ୟରତ ଉଭୟ ନିର୍ବାଚନ କମିଶନରଙ୍କ ମଧ୍ୟରେ କଥିତ ମତଭେଦ ଥିବା ଦାବି କରାଯାଇଥିଲା। ନିର୍ବାଚନ କମିଶନ ଏହି ଦାବିଗୁଡ଼ିକୁ ତୁରନ୍ତ ଖଣ୍ଡନ କରିଥିଲେ। ଏହା ପରେ ଉଔଚ ଏହି ପ୍ରସଙ୍ଗକୁ ଆନ୍ଦୋଳନର ମୂଳଦୁଆ କରିବାକୁ ଚେଷ୍ଟା କରିଥିଲା। ଘରରଞ୍ଜ ପ୍ରଶ୍ନପତ୍ର ଲିକ୍ ଆନ୍ଦୋଳନରୁ ପରିଚିତି ସୃଷ୍ଟି କରିଥିବା ଅଭିଜିତ ଦୀପକେ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରି ବିକ୍ଷୋଭ ପ୍ରଦର୍ଶନର ଘୋଷଣା କରିଥିଲେ।

ରାହୁଲ ଗାନ୍ଧୀ ଗତ କିଛି ବର୍ଷ ଧରି ନିର୍ବାଚନ କମିଶନ ଏବଂ ଭାରତୀୟ ଜନତା ପାର୍ଟି ଉପରେ ନିର୍ବାଚନ ପ୍ରକ୍ରିୟା ତଥା ଭୋଟକୁ ନେଇ ଗମ୍ଭୀର ଅଭିଯୋଗ ଲଗାଇ ଆସୁଛନ୍ତି। କଂଗ୍ରେସ ଏବଂ ଅନେକ ବିରୋଧୀ ଦଳ ୨୦୧୪ ରେ କେନ୍ଦ୍ରରେ ବିଜେପି ସରକାର ଗଠନ ହେବା ପରଠାରୁ ଇଭିଏମ୍ କୁ ନେଇ ମଧ୍ୟ ପ୍ରଶ୍ନ ଉଠାଇ ଆସୁଛନ୍ତି। ବିରୋଧୀଙ୍କ ପକ୍ଷରୁ ଇଭିଏମ୍ ଜରିଆରେ ଭୋଟରେ ହେରଫେର କରାଯାଉଥିବା ଦାବି କରାଯାଇ ଆସୁଛି, ଯେତେବେଳେ କି ନିର୍ବାଚନ କମିଶନ ଏହି ଅଭିଯୋଗଗୁଡ଼ିକୁ ଖାରଜ କରିଆସିଛନ୍ତି। ଏଭଳି ପରିସ୍ଥିତିରେ ଜ୍ଞାନେଶ କୁମାରଙ୍କୁ ନେଇ ଉପୁଜିଥିବା ବିବାଦ କଂଗ୍ରେସକୁ ଏପରି ଏକ ପ୍ରସଙ୍ଗ ପ୍ରଦାନ କରିଛି, ଯାହା ଉପରେ ଦଳ ପୂର୍ବରୁ ହିଁ ନିର୍ବାଚନ କମିଶନଙ୍କ ବିରୋଧରେ ନିଜର ଆଭିମୁଖ୍ୟ ରଖିଆସିଛି। ଏହି କାରଣରୁ ହିଁ କଂଗ୍ରେସ ଏହି ମାମଲାରେ ପଛକୁ ହଟିବା ପରିବର୍ତ୍ତେ ଖୋଲାଖୋଲି ଭାବେ ସକ୍ରିୟ ହେଉଥିବା ଦେଖାଯାଉଛି।

ରାହୁଲ ଗାନ୍ଧୀ ଏବଂ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଜ୍ଞାନେଶ କୁମାର ତଥା ନିର୍ବାଚନ କମିଶନଙ୍କ ବିରୋଧରେ ନିଜର ବିରୋଧ ପ୍ରକଟ କରିଥିଲେ। ଉଭୟେ କ୍ରମାଗତ ଦୁଇ ଦିନ ଧରି ଏହି ପ୍ରସଙ୍ଗରେ ଆନ୍ଦୋଳନ କରିଥିଲେ ଏବଂ ଯନ୍ତର-ମନ୍ତର ଯିବାକୁ ଚେଷ୍ଟା କରିଥିଲେ। ଅବଶ୍ୟ, ସେଠାରେ ପହଞ୍ଚିବା ପୂର୍ବରୁ ହିଁ ସେମାନଙ୍କୁ ଅଟକ ରଖାଯାଇଥିଲା। ପରେ ଉଭୟଙ୍କୁ ମୁକ୍ତ କରିଦିଆଯାଇଥିଲା। ବୁଧବାର ଦିନ ରାହୁଲ ଗାନ୍ଧୀ ଏବଂ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଆକାଶବାଣୀ ପରିସରରେ ଥିବା ଏକ ଗଛ ତଳେ ବସିପଡ଼ିଥିଲେ। ଏହି ସମୟରେ ସେମାନଙ୍କ ସହିତ ଅନ୍ୟ କୌଣସି ବିରୋଧୀ ଦଳର ନେତା ଦେଖାଯାଇନଥିଲେ। ସନ୍ଦର୍ଭ ସାମଗ୍ରୀ ଅନୁଯାୟୀ, ବିରୋଧୀ ଦଳର ଅନ୍ୟ ନେତାମାନଙ୍କୁ ଏହି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦିଆଯାଇନଥିଲା। ବିରୋଧୀ ଦଳର ଜଣେ ନେତା ନିଜ ନାମ ଗୋପନ ରଖିବା ସର୍ତ୍ତରେ କଂଗ୍ରେସର ଏହି ରଣନୀତି ଉପରେ ମନ୍ତବ୍ୟ ଦେଇ ଏହାକୁ 'ଭାଇ-ଭଉଣୀଙ୍କ ଶୋ' ବୋଲି ମଧ୍ୟ କହିଥିଲେ। କଂଗ୍ରେସର ଏହି ସକ୍ରିୟ ଆଭିମୁଖ୍ୟ ଇଣ୍ଡିଆ ମେଣ୍ଟର ଅନ୍ୟ ସହଯୋଗୀ ଦଳଗୁଡ଼ିକୁ ମଧ୍ୟ ଚକିତ କରିଛି। ଏହା ପୂର୍ବରୁ ମଧ୍ୟ କଂଗ୍ରେସ ଏବଂ ସିଜେପି ର ଆନ୍ଦୋଳନ ମଧ୍ୟରେ ଦୂରତା ଦେଖିବାକୁ ମିଳିଆସିଛି, ଯଦିଓ ଉଭୟଙ୍କର କିଛି ପ୍ରସଙ୍ଗ ପରସ୍ପର ସହ ମେଳ ଖାଉଛି। ଧର୍ମେନ୍ଦ୍ର ପ୍ରଧାନଙ୍କ ଆନ୍ଦୋଳନରେ ମଧ୍ୟ ଅଲଗା ଦେଖାଯାଇଥିଲେ ଦୀପକେ

ଅଭିଜିତ ଦୀପକେ ଏହା ପୂର୍ବରୁ ତତ୍କାଳୀନ ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରି ଯନ୍ତର-ମନ୍ତରରେ ବିକ୍ଷୋଭ ପ୍ରଦର୍ଶନ କରିସାରିଛନ୍ତି। ସେହି ସମୟରେ ମଧ୍ୟ ରାହୁଲ ଗାନ୍ଧୀ ତାଙ୍କ ପ୍ରଦର୍ଶନରେ ସାମିଲ ହୋଇନଥିଲେ। ଏହା ପରେ ଦୀପକେ ପ୍ରଧାନମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ଧାରଣା ଦେଇ ବିରୋଧୀ ଦଳଗୁଡ଼ିକୁ ମଧ୍ୟ ଚକିତ କରିଦେଇଥିଲେ। ସନ୍ଦର୍ଭ ସାମଗ୍ରୀ ଅନୁସାରେ, ସେହି କାର୍ଯ୍ୟକ୍ରମ ବିଷୟରେ ଅନ୍ୟ ବିରୋଧୀ ଦଳଗୁଡ଼ିକ ସହ ପୂର୍ବରୁ କୌଣସି ଆଲୋଚନା କରାଯାଇନଥିଲା। ପରେ ଦୀପକେ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫାକୁ ନିଜ ଆନ୍ଦୋଳନର ସଫଳତା ଭାବେ ଉପସ୍ଥାପନ କରିବାକୁ ଚେଷ୍ଟା କରିଥିଲେ। ତଥାପି, ଅନେକ ବିରୋଧୀ ଦଳ ମଧ୍ୟ ସେହି ଘଟଣାକ୍ରମକୁ ସିଜେପି ଏବଂ ଅଭିଜିତ ଦୀପକେଙ୍କ ବିଜୟ ଭାବରେ ଦେଖନ୍ତି। ଏହି ପୃଷ୍ଠଭୂମି ଏବେ ଜ୍ଞାନେଶ କୁମାରଙ୍କ ପ୍ରସଙ୍ଗରେ ମଧ୍ୟ ଦେଖିବାକୁ ମିଳୁଛି। ଉଔଚ ଏବଂ କଂଗ୍ରେସ ଉଭୟ ନିର୍ବାଚନ କମିଶନଙ୍କ ବିରୋଧରେ ପ୍ରଶ୍ନ ଉଠାଉଛନ୍ତି, କିନ୍ତୁ ଉଭୟଙ୍କ ମଧ୍ୟରେ କୌଣସି ପ୍ରକାରର ଖୋଲାଖୋଲି ସମନ୍ୱୟ ନଜର ଆସୁନାହିଁ।

ଜ୍ଞାନେଶ କୁମାରଙ୍କ ବିରୋଧରେ ଆନ୍ଦୋଳନ ମାମଲାରେ ଅଭିଜିତ ଦୀପକେ ବର୍ତ୍ତମାନ କଂଗ୍ରେସ ତୁଳନାରେ ପଛରେ ପଡ଼ିଥିବା ପରି ମନେହେଉଛି। ସେ ଦିଲ୍ଲୀରେ ନିଜର ପ୍ରଦର୍ଶନ କରିପାରୁନାହାନ୍ତି। ସେ ମୁମ୍ବାଇରେ ମଧ୍ୟ ଆନ୍ଦୋଳନ କରିଥିଲେ, କିନ୍ତୁ ସନ୍ଦର୍ଭ ସାମଗ୍ରୀ ଅନୁଯାୟୀ ଯନ୍ତର-ମନ୍ତରରେ ହୋଇଥିବା ତାଙ୍କର ପୂର୍ବ ପ୍ରଦର୍ଶନ ଭଳି ଏହାକୁ ସଫଳତା ମିଳିନଥିଲା। ଏହା ପରେ ଦୀପକେ ୧୦ ଅକ୍ଟୋବରରେ ଦିଲ୍ଲୀରେ ପୁନର୍ବାର ବିକ୍ଷୋଭ ପ୍ରଦର୍ଶନ କରିବାକୁ ଘୋଷଣା କରିଛନ୍ତି। ଏହି ଆନ୍ଦୋଳନ ପାଇଁ ସେ ସମର୍ଥନ ଯୋଗାଡ଼ କରିବାକୁ ଚେଷ୍ଟା ମଧ୍ୟ କରୁଛନ୍ତି। ତାଙ୍କ ସହ କିଛି ଫିଲ୍ମ ଜଗତର ବ୍ୟକ୍ତିବିଶେଷ ଯୋଡ଼ି ହେବା କଥା ସାମ୍ନାକୁ ଆସିଛି। ଏହି କ୍ରମରେ ଏକ ଭିଡିଓ ମଧ୍ୟ ସାମ୍ନାକୁ ଆସିଛି, ଯେଉଁଥିରେ ପ୍ରସିଦ୍ଧ ୟୁଟ୍ୟୁବର୍ ଧ୍ରୁବ ରାଠୀ ଦେଖାଯାଉଛନ୍ତି। ଏହି ଭିଡିଓ ଦୀପକେଙ୍କ ପକ୍ଷରୁ ନିଜ ଆନ୍ଦୋଳନ ପାଇଁ ସମର୍ଥନ ହାସଲ କରିବାର ପ୍ରୟାସ ପରିପ୍ରେକ୍ଷୀରେ ସାମ୍ନାକୁ ଆସିଛି। ଏବେ ଜ୍ଞାନେଶ କୁମାରଙ୍କ ବିରୋଧରେ ୧୦ ଅକ୍ଟୋବରରେ ପ୍ରସ୍ତାବିତ ଉଔଚ ପ୍ରଦର୍ଶନ ଉପରେ ନଜର ରହିବ। ଗୋଟିଏ ପଟେ କଂଗ୍ରେସ ରାହୁଲ ଗାନ୍ଧୀ ଏବଂ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ଜରିଆରେ ଏହି ପ୍ରସଙ୍ଗରେ କ୍ରମାଗତ ଭାବେ ସକ୍ରିୟ ଥିବା ବେଳେ, ଅନ୍ୟପଟେ ଅଭିଜିତ ଦୀପକେ ନିଜ ଆନ୍ଦୋଳନକୁ ପୁଣି ଥରେ ଦିଲ୍ଲୀର କେନ୍ଦ୍ରସ୍ଥଳକୁ ଆଣିବାକୁ ଚେଷ୍ଟା କରୁଛନ୍ତି।

ଏହି ଘଟଣାକ୍ରମ ବିରୋଧୀ ରାଜନୀତିରେ ପ୍ରସଙ୍ଗ ହାତେଇବା ଏବଂ ନେତୃତ୍ୱ ପ୍ରତିଷ୍ଠା କରିବାର ଏକ ସ୍ପଷ୍ଟ ପ୍ରତିଦ୍ୱନ୍ଦ୍ୱିତାକୁ ଦର୍ଶାଉଛି। ନିର୍ବାଚନ କମିଶନ ବିରୋଧରେ କଂଗ୍ରେସର ଦୃଢ଼ତା: କଂଗ୍ରେସ ଦୀର୍ଘ ଦିନରୁ ନିର୍ବାଚନ ପ୍ରକ୍ରିୟା ଏବଂ ଇଭିଏମ୍ ଉପରେ ସନ୍ଦେହ ପ୍ରକାଶ କରିଆସୁଛି। ମୁଖ୍ୟ ନିର୍ବାଚନ କମିଶନରଙ୍କ ବିରୋଧରେ ଉଠିଥିବା ବିବାଦ କଂଗ୍ରେସକୁ ଏକ ଉପଯୁକ୍ତ ରାଜନୈତିକ ସୁଯୋଗ ପ୍ରଦାନ କରିଛି, ଯାହାକୁ ରାହୁଲ ଓ ପ୍ରିୟଙ୍କା ଗାନ୍ଧୀ ସିଧାସଳଖ ରାଜରାସ୍ତାରେ ଆକ୍ରମଣାତ୍ମକ ଭାବେ ଉଠାଇ ନିଜର ଦୃଢ଼ ଉପସ୍ଥିତି ଜାହିର କରୁଛନ୍ତି।

ନିଟ୍ ଆନ୍ଦୋଳନରୁ ଉଭବ ହୋଇଥିବା ଅଭିଜିତ ଦୀପକେଙ୍କ ସିଜେପି ପ୍ରସଙ୍ଗଭିତ୍ତିକ ଜନଆନ୍ଦୋଳନ ଜରିଆରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାକୁ ଚାହୁଁଛି। ତେବେ କଂଗ୍ରେସର ବଡ଼ ନେତାମାନେ ଏହି ମଇଦାନକୁ ଓହ୍ଲାଇବା ଫଳରେ ସିଜେପି ପାଇଁ ମିଡ଼ିଆ କଭରେଜ୍ ଏବଂ ଜନସମର୍ଥନ ହାତେଇବାରେ ଏକ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି ହୋଇଛି।

କଂଗ୍ରେସ କୌଣସି ସହଯୋଗୀ ଦଳ ସହିତ ଆଲୋଚନା ନକରି ଏକାକୀ ଆଗକୁ ବଢ଼ିବା ଦ୍ୱାରା 'ଇଣ୍ଡିଆ' ମେଣ୍ଟର ଅନ୍ୟ ସଦସ୍ୟମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହା ବିରୋଧୀ ଶିବିରରେ ପାରସ୍ପରିକ ସହଯୋଗ ଅପେକ୍ଷା ବ୍ୟକ୍ତିଗତ ବା ଦଳୀୟ ପ୍ରାଧାନ୍ୟର ଲଢ଼େଇକୁ ସ୍ପଷ୍ଟ କରୁଛି।

ମୁମ୍ବାଇରେ ଆଖିଦୃଶିଆ ପ୍ରଭାବ ନପଡ଼ିବା ଏବଂ ଦିଲ୍ଲୀରେ କଂଗ୍ରେସ ଆଗୁଆ ରହିବା ପରେ, ୧୦ ଅକ୍ଟୋବରରେ ସିଜେପି ର ପ୍ରସ୍ତାବିତ ବିକ୍ଷୋଭ ଅଭିଜିତ ଦୀପକେଙ୍କ ପାଇଁ ଏକ ବଡ଼ ପରୀକ୍ଷା ସାବ୍ୟସ୍ତ ହେବ। ସୋସିଆଲ ମିଡିଆ ତଥା ଜଣାଶୁଣା ବ୍ୟକ୍ତିବିଶେଷଙ୍କ ସହଯୋଗରେ ସେ ପୁଣି ଥରେ ଦିଲ୍ଲୀ ରାଜନୀତିର କେନ୍ଦ୍ରବିନ୍ଦୁ ହୋଇପାରୁଛନ୍ତି କି ନାହିଁ, ତାହା ଉପରେ ସମସ୍ତଙ୍କ ନଜର ରହିବ।

## ଆଦି କୁମ୍ଭାର ଆଦି ବିଶ୍ୱକର୍ମା

**ଉତ୍କଳାନନ୍ଦ ଅଜୟ କୁମାର ବେହେରା**

ଲେଦେ ଯନ୍ତ୍ରର ଆଦିସ୍ରଷ୍ଟା। ଆଦିକୁମ୍ଭାର, କୁମ୍ଭକାର ରୁଦ୍ରପାଳ। ସେ ମାନବର ଜଳସିଦ୍ଧ, ତୈଳସିଦ୍ଧ ଖାଦ୍ୟର ମୂଳ ପ୍ରବର୍ତ୍ତକ। କଞ୍ଚା ପୋଡ଼ା ଖାଦ୍ୟ ଭୋଜନରୁ ମହାପ୍ରଭୁ ନୀଳମାଧବ, ସିଝା ସିଦ୍ଧଭୋଜନ ମାନସ କରି ଏକ ବିବର୍ତ୍ତନ ନିଜ ପାଇଁ ମାନବ ଜାତି ପାଇଁ ଏକ ବିଶେଷ ପନ୍ଥାର ଲାଗୁକଲେ। ସବୁବେଳେ ତ ପ୍ରଭୁଙ୍କ ହାତ ଜ୍ଞାନୀ ଜନର ହାତ, ସେ ବିଶ୍ୱକର୍ମା ହୋଇ ନିଜେ ନିଜର ରୂପ ପ୍ରସ୍ତୁତ ଶ୍ରୀକ୍ଷେତ୍ରରେ ଅତି ଦୁର୍ମୂଲ୍ୟ ରତ୍ନ ସିଂହାସନରେ ଦାରୁ ମୂର୍ତ୍ତିରେ ବିରାଜମାନ ହେଲେ। ଏଥିରେ ବଢ଼େଇ ଜାତିର କୃତି ରଖିଲେ। ଭୋଜନ କରିବେ ଆଧାର କୃଷକ ଜାତି ଚାଷୀ ଖାଦ୍ୟ ଶସ୍ୟ ଉତ୍ପାଦନ ମାଟି, ଜଳବାୟୁ ଶସ୍ୟ ବିହନ ମଞ୍ଜିକୁ ନେଇ ବର୍ଷ ବର୍ଷ ପଢ଼ି ପିଢ଼ି ପିଢ଼ି ଧରି କରି ସ୍ୱଭାଗ, ରାଜଭାଗ ସହ ପ୍ରଭୁଙ୍କ ଅମୃତ ମଣୋହୀକୁ ନେଇ ଚାଲିବେ। ଅମୃତ ମଣୋହୀ ଦେବ ଭାଗ ସେ ସର୍ବ ଉର୍ବର ଉତ୍ପାଦିତ ଶସ୍ୟର ଆଗ୍ରଭାଗ। ସର୍ବଦା ଦେବତା ଅଗ୍ରହାରି। ଦେବ ବ୍ୟବସ୍ଥାରେ ରାଜବ୍ୟବସ୍ଥା ସଦୃଶ ସେନା, ପୋଲି ଅଛନ୍ତି ତେବେ ମହାପ୍ରଭୁଙ୍କ ଲୀଳାରେ ଅଦୃଶ୍ୟ ବାହିନୀ, ବତ୍ୟା, ମହାବାତ୍ୟା, ଅଦିନିଆ ମେଘ, ମରୁଡ଼ି, ନଦୀବନ୍ୟା, ଜଳ ପ୍ଲାବନ, ଭୂମିକମ୍ପ, ମହାମାରୀ, ଯୁଦ୍ଧ ଅସ୍ତ୍ରଆତଙ୍କ ଆତଙ୍କବାଦୀ ଆକ୍ରମଣ, ପ୍ରତି ଗୃହରେ କଳହ, ପ୍ରତିବେଶୀ ସହ ମାନ ମନାନ୍ତର, ବିଚ୍ଛେଦ, ଅକାଳ ମୃତ୍ୟୁ, ଏସବୁ ଦେବ ଦଣ୍ଡର ବାହିନୀ। କେଉଁଠି ସାମୁହିକ, କେଉଁଠି ପାରିବାରିକ କେଉଁଠି ବ୍ୟକ୍ତି ବିଶେଷର ବ୍ୟକ୍ତିଗତ ଜୀବନରେ ଏପରି ଦଣ୍ଡ ଦାତାଙ୍କ ହାବୁଡ଼ରେ ପଡ଼ିବା ହେଉଛି। ଭଜନ ସମ୍ରାଟ ଭିକାରୀ ବଳ ପ୍ରଭୁଙ୍କ ଉଦ୍ଦେଶ୍ୟରେ ଭଜନରେ ଗାଇଲେ, ସେ ପ୍ରଭୁଙ୍କ ହଳିଆ ରୂପେ ଜନ୍ମ ନେବାକୁ ଆଶାୟୀ। ହଳିଆ ଜମିରେ ହଳ ବୁଲାଇ ଦେହ ମେହନନ୍ତ କରି ଶସ୍ୟ ଉପୁଜାଏ କିନ୍ତୁ ଜମି ଜମିଦାରର ଏ ସଂସାରରେ ଏକମାତ୍ର ଜମିଦାର ସେହି ଜଗନ୍ନାଥ ନୀଳାଚଳିଆ ବାଙ୍କଚୁଳିଆ ଯାହାଙ୍କ ଆଜ୍ଞାରେ ସର୍ବେ ଆତଜାତ। ଶସ୍ୟ ପନିପରିବା ରୋଷେଇ ପାଇଁ ହାଣ୍ଡି ପାତ୍ର ଦରକାର ଏହାର ନିର୍ମାଣ କର୍ତ୍ତା ରୂପେ ସେ ହିଁ ଆଦି କୁମ୍ଭକାର, ଦେଖ କୁଡୁଆ, ସେବି ଆମର ରାଜ୍ୟର ମାନ୍ୟ ମାଟି ପାତ୍ର, ଅନ୍ନ ହିଁ ଜଗନ୍ନାଥ ମହାପ୍ରଭୁ ବିଷ୍ଣୁ ତାଙ୍କ ବାହକ ଗରୁଡ଼, ଏହି କୁଡୁଆରେ ଥରେ ମହାପ୍ରସାଦ ରନ୍ଧା ହେଲେ ବା ପଶିଲେ ତାହା ଗରୁଡ଼ଜୀଙ୍କ ବହନ ଅଧିକାରକୁ ଆସୁଛି। କୁମ୍ଭାର, ବଢ଼େଇ, ମାଟି ଓ କାଠର ଘୂର୍ଣ୍ଣୟ ପ୍ରକ୍ରିୟାରେ ଚକ୍ର ଓ କୁନ୍ଦ ହେଉଛି ପ୍ରଥମ ଲେଦ ମସିନ ଯନ୍ତ୍ର। ଏହା ମହାପ୍ରଭୁଙ୍କ ସେବା ସାମିଲର ଆଦି ଉତ୍ସ।

*ସମ୍ପାଦକ 'ନିୟତି' ଅରୁଣୋଦୟ ନଗର, କଟକ, ଦୂରଭାଷ : ୯୪୩୭୧୦୩୧୨୫୩*

# ସେବାର ମୂର୍ତ୍ତିମନ୍ତ ପ୍ରତୀକ ଉତ୍କଳମଣି ଗୋପବନ୍ଧୁ

**ଡ଼ଃ. ଅରୁନ୍ଧତୀ ଦେବୀ**

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କର ଆଦର୍ଶ ତ୍ୟାଗ ଓ ସମାଜ ସେବା ସମଗ୍ର ଓଡ଼ିଆ ଜାତି ପାଇଁ ଚରିସ୍ମରଣୀୟ ହୋଇ ରହିଛି ଓ ରହିଥିବ । ତାଙ୍କ ଜୀବନୀ ପ୍ରତ୍ୟେକ ଓଡ଼ିଶାବାସୀଙ୍କୁ ପ୍ରଭାବିତ କରିଥାଏ । ଜନ୍ମ ହେଲେ ସମସ୍ତେ ମୃତ୍ୟୁବରଣ କରନ୍ତି । କାଳର କରାଳ ଗର୍ଭରେ ସବୁକିଛି ବିଲୀନ ହୋଇଯାଏ । ସମୟର ସ୍ରୋତ ସମସ୍ତଙ୍କୁ ଭସାଇ ନିଏ । ଯେତେ ଯାହା ହେଲେ ମଧ୍ୟ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ତାଙ୍କର ନିଷ୍ପାପର ଆନ୍ତରିକ ସେବା କାର୍ଯ୍ୟ ପାଇଁ ପ୍ରତ୍ୟେକ ଓଡ଼ିଆଙ୍କ ନିକଟରେ ଅଭୁଲା ହୋଇ ରହିଥିବେ । ଗୋପବନ୍ଧୁ ଜନ୍ମ ଲାଭ କରିଥିଲେ ପୁରୀ ଜିଲ୍ଲାର ସୁଆଣ୍ଡୋ ନାମକ ଏକ ଗ୍ରାମରେ ୧୮୭୭ ମସିହା ଅକ୍ଟୋବର ମାସ ୯ ତାରିଖରେ । ତାଙ୍କ ପିତାଙ୍କ ନାମ ଥିଲା ଦୈତାରୀ ଦାସ ଓ ମାତାଙ୍କ ନାମ ଥିଲା ସ୍ୱର୍ଣ୍ଣମୟୀ ଦେବୀ । ଜନ୍ମର ଅଳ୍ପ ଦିନ ପରେ ସେ ମା'ଛେଉଣ୍ଡ ହୋଇ ପିଉସୀ କମଳା ଦେବୀଙ୍କ ତତ୍ତ୍ୱାବଧାନରେ ପ୍ରତିପାଳିତ ହୋଇଥିଲେ । ଗ୍ରାମରେ ଥିବା ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଶିକ୍ଷା ଲାଭ କଲାପରେ ରୂପଦେଇପୁରରେ ଥିବା ମଧ୍ୟଇଂରାଜୀ ବିଦ୍ୟାଳୟରେ ପଢ଼ିଲେ । ପୁରୀ ଜିଲ୍ଲା ସ୍କୁଲରୁ ୧୮୯୯ ମସିହାରେ ସେ ମେଟ୍ରିକ୍ୟୁଲେସନ ପରୀକ୍ଷାରେ କୃତକାର୍ଯ୍ୟ ହେଲେ । ତାଙ୍କର କଲେଜ ଶିକ୍ଷା ଆରମ୍ଭ ହେଲା କଟକ ରେଭେନ୍ସା ମହାବିଦ୍ୟାଳୟରେ । ୧୯୦୨ ମସିହାରେ ସେ ଏଫ୍.ଏ. ପରୀକ୍ଷାରେ ଓ ୧୯୦୪ ମସିହାରେ ବି.ଏ. ପରୀକ୍ଷାରେ କୃତକାର୍ଯ୍ୟ ହେଲେ । ରେଭେନ୍ସା କଲେଜରେ ପଢୁଥିବା ସମୟରେ ସେ ଆଚାର୍ଯ୍ୟହରିହର ଆଦି ଦେଶ ସେବକ ମାନଙ୍କ ସଂସ୍ପର୍ଶରେ ଆସି ଦେଶ ସେବାରେ ଆଗ୍ରହୀ ହେଲେ । ୧୯୦୨ ମସିହାରେ ବ୍ରହ୍ମପୁରରେ ହୋଇଥିବା ଉତ୍କଳ ସମ୍ମିଳନୀରେ ଯୋଗ ଦେଇ ସ୍ୱରଚିତ ପ୍ରାରମ୍ଭିକ ସଙ୍ଗୀତ ଗାନ କରି ଉତ୍କଳ ଗୌରବ ମଧୁସୂଦନ ଦାସ ଆଦି ବିଶିଷ୍ଟ ବ୍ୟକ୍ତିମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ରେଭେନ୍ସା ମହାବିଦ୍ୟାଳୟରୁ ବି.ଏ. ପାଶ କଲାପରେ ସେ କଲିକତା ବିଶ୍ୱବିଦ୍ୟାଳୟରୁ ଆଇନ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ । ଦେଶର ଶିକ୍ଷାର ପ୍ରସାର ପାଇଁ ସେ ନିଳଗିରି ଠାରେ ସ୍ଥାପିତ ଉଚ୍ଚ ଇଂରାଜୀ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ ଯୋଗ ଦେଲେ ।



ଜଣେ ଆଦର୍ଶ ଶିକ୍ଷକଙ୍କର ଭୂମିକା ସମ୍ବନ୍ଧରେ ଅନ୍ୟ ଶିକ୍ଷକମାନଙ୍କୁ ପ୍ରଶିକ୍ଷଣ ଦେଲାପରେ ସେ ଆଇନଜ୍ଞ ଭାବେ କଟକରେ କାର୍ଯ୍ୟକଲେ ଓ ପରେ ପୁରୀ ଯାଇ ଓକିଲାତି କରିଥିଲେ । ମିଥ୍ୟାକୁ ତିଳେ ମାତ୍ର ପ୍ରଶ୍ରୟ ନ ଦେଇ ସତ୍ୟକୁ ସମ୍ବଳ କରି ଓକିଲାତି କରିବା ପାଇଁ ସେ ଅନ୍ୟ ଓକିଲ ମାନଙ୍କୁ କହୁଥିଲେ । ସେତେବେଳେ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ନଥିଲା । ବିହାର ଓ ଓଡ଼ିଶା ଏକ ଶାସନାଧୀନ ଥିଲା । ଗୋପବନ୍ଧୁ ୧୯୧୭ରୁ ୧୯୨୦ ମସିହା ପର୍ଯ୍ୟନ୍ତ ବିହାର ଓଡ଼ିଶା ବିଧାନ ସଭାର ସଭ୍ୟ ରହି ବହୁତ ଉନ୍ନତି ମୂଳକ କାର୍ଯ୍ୟ କରିଯାଇଛନ୍ତି । ବିଶେଷତଃ ପରାଧୀନ ଦେଶରେ ଦେଶବାସୀଙ୍କର ପ୍ରକୃତ ଉନ୍ନତି କିପରି ହେବ ସେଥିପାଇଁ ସେ ଚିନ୍ତିତ ଥିଲେ । ଓଡ଼ିଶାରେ ଜାତୀୟ କଂଗ୍ରେସର ସେ ସଭାପତି ହେଲେ । ମହାତ୍ମାଗାନ୍ଧୀଙ୍କ ଦ୍ୱାରା ପ୍ରଚାରିତ ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇ ସେ ୧୯୨୨ରୁ ଦୁଇବର୍ଷ ପାଇଁ ହଜାରିବାଗ ଜେଲରେ ବନ୍ଦୀ ଜୀବନ ବିତାଇ ଥିଲେ । ଓଡ଼ିଆ ଭାଷାରେ ଲିଖିତ ତାଙ୍କର ଦେଶପ୍ରେମର ବାର୍ତ୍ତା ଦେଶବାସୀଙ୍କ ମଧ୍ୟରେ ଦେଶପ୍ରେମ ଓ ସାଧୀନତାର ବହ୍ନି ଜାଳି ଦେଇଥିଲା । ୧୯୨୪ ମସିହାରେ କଟକ ଠାରେ ଅନୁଷ୍ଠିତ ହୋଇଥିବା ଉତ୍କଳ ସମ୍ମିଳନୀରେ ତାଙ୍କୁ ଉତ୍କଳମଣି ଉପାଧି ପ୍ରଦାନ କରାଯାଇଥିଲା । ସେ ଲୋକ ସେବକ ମଣ୍ଡଳର ସଦସ୍ୟ ଓ ଉପସଭାପତି ଥିଲେ ।

ନିଃସ୍ୱାର୍ଥ ସେବାକୁ ସେ ଜୀବନର ବ୍ରତ ରୂପେ ଗ୍ରହଣ କରିଥିଲେ । ରେଭେନ୍ସା କଲେଜରେ ଛାତ୍ରଥିବା ସମୟରେ ସେ ଗରିବ ଛାତ୍ର ମାନଙ୍କ ପାଇଁ ବିଭିନ୍ନ ବ୍ୟକ୍ତି ବିଶେଷଙ୍କ ଠାରୁ ଅର୍ଥ ସଂଗ୍ରହ କରି ଅଭାବି ଛାତ୍ର ମାନଙ୍କ ପାଇଁ ବହି ଖାତା କିଣିବା ଓ ଖାଇବା ବନ୍ଦୋବସ୍ତ କରୁଥିଲେ । ବନ୍ୟାବାତ୍ୟା ଓ ନାନା ପ୍ରକାର ଦୁର୍ବିପାକ ସମୟରେ ସେ ଲୋକମାନଙ୍କର ଉଦ୍ଧାର କାର୍ଯ୍ୟ କରିବା ସହ ଖାଦ୍ୟପେୟର ସୁବନ୍ଦୋବସ୍ତ କରିବା ପାଇଁ ନିଜ ସୁଖ ସୁବିଧାକୁ ଜଳାଞ୍ଜଳି ଦେଇ ସେବାରେ ଲାଗିପଡୁଥିଲେ । ନିଜ ପରିବାରକୁ ମଧ୍ୟ ଗୌଣ ସ୍ଥାନ ଦେଇ ଅସହାୟଙ୍କ ସେବାକୁ ପ୍ରାଧାନ୍ୟ ଦେଉଥିଲେ । ତାଙ୍କ ନିଜ ପୁଅ ରୋଗଗ୍ରସ୍ତ ଥିବା ସମୟରେ ସେ ଖବର ପାଇଲେ ବନ୍ୟା ଯୋଗୁଁ ଅନେକ ଅଞ୍ଚଳ ଜଳମଗ୍ନ ହୋଇ ଯାଇଥିବାରୁ ଲୋକମାନେ ଘରଦ୍ୱାରା ହରାଇ ଭୋକ ଉପାସରେ ପଡ଼ିରହି କଷ୍ଟ ଭୋଗୁଛନ୍ତି । ନିଜର ଗୁରୁତର ଅବସ୍ଥାରେ ପଡ଼ିଥିବା ରୋଗଗ୍ରସ୍ତ ପୁଅକୁ ଛାଡ଼ି ବନ୍ୟା ପ୍ରପୀଡ଼ିତ ଲୋକମାନଙ୍କ ଥଇଥାନ ଓ ଅନ୍ନ ସଂସ୍ଥାନ କରିବା ପାଇଁ ଚାଲିଗଲେ । ଗୋଟିଏ ପୁଅ ତୁଳନାରେ ହଜାର ହଜାର ଲୋକଙ୍କ କଷ୍ଟ ଦୂର କରିବା ତାଙ୍କ ପାଇଁ ଅଧିକ ଉପଯୋଗୀ ମନେହେଲା । ବନ୍ୟା ପ୍ରପୀଡ଼ିତ ଲୋକମାନଙ୍କ ସେବା କରି ଘରକୁ ଫେରି ଆସିଲା ବେଳକୁ ପୁଅ ଶେଷ ବିଦାୟ ନେଇ ସାରିଥିଲା । ବାସ୍ତବିକ ଏ ପ୍ରକାର ସେବା କେତେ ଜଣ କରିପାରିବେ ? ନିଜ ପର ମଧ୍ୟରେ ପ୍ରଭେଦ ସେ ଦେଖୁନଥିଲେ । ମାନବ ସେବାକୁ ମାଧବଙ୍କ ସେବା ବୋଲି ସେ ଗ୍ରହଣ କରିଥିଲେ । ଲୋକମାନଙ୍କ ନିକଟରେ ବିଭିନ୍ନ ସମ୍ବାଦ ପହଞ୍ଚାଇବାକୁ ସେ ସେବା ରୂପେ ଗ୍ରହଣ କରିଥିଲେ । ସେଥିପାଇଁ ୧୯୧୫ ମସିହାରେ ନିଜ ଗ୍ରାମରୁ କିଛି ଦୂରରେ ଥିବା ସାକ୍ଷୀଗୋପାଳରୁ 'ସତ୍ୟବାଦୀ' ନାମରେ ଗୋଟିଏ ପତ୍ରିକା ପ୍ରକାଶ କରି ଲୋକମାନଙ୍କ ମଧ୍ୟରେ ବିତରଣ କଲେ । ୧୯୧୯ ମସିହାରେ 'ସମାଜ' ପତ୍ରିକା ପ୍ରକାଶ କଲେ । ପ୍ରଥମରେ ଏହା ସପ୍ତାହରେ ଥରେ ପ୍ରକାଶିତ ହେଉଥିଲା । ପରେ ଏହା ଦୈନିକ ସମ୍ବାଦପତ୍ର ରୂପେ ପ୍ରକାଶିତ ହୋଇ ଖୁବ୍ ଲୋକପ୍ରିୟ ହେଲା । ରାଜନୀତି ଠାରୁ ଆରମ୍ଭ କରି ବିଭିନ୍ନ ସମ୍ବାଦ ପରିବେଷଣ ଦ୍ୱାରା ଲୋକମାନଙ୍କର ଯେଉଁ ସେବା ସେ ଆରମ୍ଭ କଲେ ସେଥିପାଇଁ ସେ ଚୀର ସ୍ମରଣୀୟ ହୋଇ ରହିଛନ୍ତି । ଓଡ଼ିଶାରେ ଅନେକ ସମ୍ବାଦପତ୍ର ପ୍ରକାଶିତ ହେଉଥିଲେ ହେଁ ସମାଜର ଲୋକପ୍ରିୟତା ଗୋପବନ୍ଧୁଙ୍କର ଆଶୀର୍ବାଦରୁ ଅତୁଟ ରହିଛି । ପରାଧୀନ ଦେଶରେ ଲୋକ ମାନଙ୍କୁ ସ୍ୱାଧୀନତା ସମ୍ବନ୍ଧରେ ଉଦ୍‌ବୃଦ୍ଧ କରିବାକୁ ଏକ ବଡ଼ ସେବା ବୋଲି ସେ ଗ୍ରହଣ କରିଥିଲେ । ଦେଶ ଓ ଦଶର ସେବା ବ୍ରତ ପାଇଁ ସେ ଚିରଦିନ ଓଡ଼ିଆ ମାନଙ୍କ ମନରେ ବଞ୍ଚି ରହିଥିବେ ।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ
କଟକ, ୯୯୩୭୧୭୨୮୧୦

# ଏକ ଯାତ୍ରାରୁ 'ସେବା'ର ଅର୍ଥ ଓ ମୋଦୀଙ୍କୁ ବୁଝିବାର ଅନୁଭବ

**ଉଦୟ ମହୁରକର**

ଏହା ସେହି ସମୟର ଜଣେ ଆଶାୟୀ ସାମ୍ବାଦିକ ଏବଂ ଯୁବ ରାଜନୈତିକ ସଂଗଠକଙ୍କ କାହାଣୀ, ଯିଏ କି ଏବେ ମାତ୍ର ଏକ ନୂତନ ରାଜନୈତିକ ଦାୟିତ୍ୱ ଗ୍ରହଣ କରିଥିଲେ...

ସମୟ ଥିଲା ୧୯୮୭ ମସିହା। ରାଜୀବ ଗାନ୍ଧୀ ପ୍ରଧାନମନ୍ତ୍ରୀ ଥିଲେ ଏବଂ ଜାତୀୟ ରାଜନୀତିରେ କଂଗ୍ରେସର ପ୍ରାଧାନ୍ୟ ରହିଥିଲା; ଅନ୍ୟପକ୍ଷରେ, ବିଜେପି ସେତେବେଳେ ଏକ ଶିଶୁ ଅବସ୍ଥାରେ ଥିବା ଦଳ ଥିଲା, ଯାହା ପାଖରେ ମାତ୍ର ଦୁଇଟି ଲୋକସଭା ଆସନ ଥିଲା ଏବଂ ଭବିଷ୍ୟତ ଅନିଶ୍ଚିତ ଥିଲା।

ସେହି ସମୟରେ, ଅର୍ଥାତ୍ ୧୯୮୭ ମସିହାର ଆରମ୍ଭରେ, ଅହମଦାବାଦସ୍ଥିତ 'ଇଣ୍ଡିଆନ୍ ଏକ୍ସପ୍ରେସ୍'ରେ ମୋର ମୁଖ୍ୟ ରିପୋର୍ଟର ତଥା ବରିଷ୍ଠ ସାମ୍ବାଦିକ କିରିଟଭାଇ ଭଟ୍ଟ, ଗୁଜରାଟ ରାଜ୍ୟ ସଂଗଠନ ସମ୍ପାଦକ ଭାବେ ନୂତନ ଭାବେ ନିଯୁକ୍ତ ହୋଇଥିବା ନରେନ୍ଦ୍ର ମୋଦୀଙ୍କୁ ଭେଟିବାକୁ ଇଚ୍ଛା ପ୍ରକାଶ କଲେ। ତା'ପରେ, ଆମେ ନରେନ୍ଦ୍ର ଭାଇଙ୍କୁ ଭେଟିବା ପାଇଁ ଅହମଦାବାଦସ୍ଥିତ ବିଜେପିର ଖାନପୁର କାର୍ଯ୍ୟାଳୟକୁ ଗଲୁ। ରାଜନୈତିକ ଓ ସାମାଜିକ ପ୍ରସଙ୍ଗ ଉପରେ ନରେନ୍ଦ୍ରଭାଇଙ୍କ ସହ ହୋଇଥିବା ୩୦ ମିନିଟର ଆଲୋଚନା ଆମକୁ ବେଶ୍ ପ୍ରଭାବିତ କରିଥିଲା।

ତାଙ୍କୁ ଭେଟି ବାହାରକୁ ଆସିବା ସମୟରେ କିରିଟଭାଇ ମୋତେ କହିଲେ, 'ମୋଦୀ ବହୁତ ଆଗକୁ ଯିବେ। ସେ ଜଣେ ଅତ୍ୟନ୍ତ ଲକ୍ଷ୍ୟ-ନିଷ୍ଠ, ବୁଦ୍ଧିମାନ ଏବଂ ସମ୍ବେଦନଶୀଳ ବ୍ୟକ୍ତି, ଯାହାର ସାମାଜିକ ତଥା ରାଜନୈତିକ ପ୍ରସଙ୍ଗ ଉପରେ ଭଲ ଦଖଲ ରହିଛି।' ବାମପନ୍ଥୀ ବିଚାରଧାରା ସତ୍ତ୍ୱେ ମୂଲ୍ୟବୋଧ-ଭିତ୍ତିକ ସାମ୍ବାଦିକତା ପାଇଁ ସେ ମୋର ଆଦର୍ଶ ଥିଲେ।

୧୯୮୭ ମସିହା ଶେଷ ଭାଗ ବେଳକୁ ରାଜନୈତିକ ପରିବେଶ ବଦଳି ଯାଇଥିଲା। 'ବୋଫର୍ସ' ବିବାଦ ରାଜୀବ ଗାନ୍ଧୀଙ୍କ ଭାବମୂର୍ତ୍ତିକୁ କ୍ଷୁର୍ଣ୍ଣ କରିଥିବା ବେଳେ, ଗୁଜୁରାଟରେ ଅମରସିଂହ ଚୌଧୁରୀଙ୍କ ସରକାର ଦଳୀୟ କନ୍ଦଳ, ଜାତି-ଭିତ୍ତିକ ରାଜନୀତି ଏବଂ ଜନସାଧାରଣଙ୍କ ବଢୁଥିବା ଅସନ୍ତୋଷର ମୁକାବିଲା କରୁଥିଲେ।

ଏହି ସମୟ ମଧ୍ୟରେ, ଗୁଜୁରାଟ ବହୁ ବର୍ଷ ମଧ୍ୟରେ ସବୁଠାରୁ ଭୟଙ୍କର ମରୁଡ଼ିର ସମ୍ମୁଖୀନ ହେଲା; ଫଳସ୍ୱରୂପ ଲୋକଙ୍କୁ ସ୍ଥାନାନ୍ତରିତ ହେବାକୁ ପଡ଼ିଲା, ଟ୍ରେନ୍ ଯୋଗେ ପାନୀୟ ଜଳ ପରିବହନ କରିବାକୁ ପଡ଼ିଲା ଏବଂ ଗୋ-ଖାଦ୍ୟର ତୀବ୍ର ଅଭାବ ଯୋଗୁଁ ବହୁ ଗୃହପାଳିତ ପଶୁଙ୍କ ମୃତ୍ୟୁ ଘଟିଲା। ଏହି ମରୁଡ଼ିର ଭୟାବହତା ଅତ୍ୟନ୍ତ ହୃଦୟ ବିଦାରକ ଥିଲା।

ରାଜ୍ୟର ୧୯ଟି ଜିଲ୍ଲା ମଧ୍ୟରୁ ୧୭ଟି ଜିଲ୍ଲା ଏହା ଦ୍ୱାରା ପ୍ରଭାବିତ ହୋଇଥିଲା; ସେଥିମଧ୍ୟରୁ କଚ୍ଛ, ବନାସକଣ୍ଠା, ମେହସାନା ଏବଂ ଜାମନଗର ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଥିଲା। ପ୍ରାୟ ଦୁଇ କୋଟି ଗୃହପାଳିତ ପଶୁ ଏହି ମରୁଡ଼ିର ପ୍ରଭାବର ସମ୍ମୁଖୀନ ହୋଇଥିଲେ। ପଞ୍ଜାବ ଓ ଅନ୍ୟାନ୍ୟ ସ୍ଥାନରୁ ଗୋ-ଖାଦ୍ୟ ଅଣାଯିବାକୁ ପଡ଼ିଥିଲା ଏବଂ ପ୍ରାୟ ସାତ ଲକ୍ଷ ପଶୁଙ୍କୁ ଗୋ-ଶିବିରରେ ରଖାଯାଇଥିଲା। ରିଲିଫ୍ ବା ଉଦ୍ଧାର କାର୍ଯ୍ୟ ମାଧ୍ୟମରେ ପ୍ରାୟ ୧୨ ଲକ୍ଷ ଶ୍ରମିକଙ୍କୁ ନିୟୋଜିତ କରିବାର ଯୋଜନା ଥିଲା। କିନ୍ତୁ ସେମାନଙ୍କୁ କେବେବି ସମୟାନୁବର୍ତ୍ତୀ ଭାବେ ପାରିଶ୍ରମିକ ମିଳୁନଥିଲା ଏବଂ କେତେକ କ୍ଷେତ୍ରରେ ସମ୍ପୂର୍ଣ୍ଣ ଅର୍ଥ ମଧ୍ୟ ମିଳୁନଥିଲା। ଅନେକ ଶ୍ରମିକ ନିଜର ଅଧିକାର ବିଷୟରେ ମଧ୍ୟ ଅବଗତ ନଥିଲେ !

ସେତେବେଳେ ସଙ୍କଟର ସମ୍ମୁଖୀନ ହେଉଥିବା ରାଜୀବ ଗାନ୍ଧୀ ସରକାର ରିଲିଫ୍ କାର୍ଯ୍ୟ ପାଇଁ ପ୍ରାୟ ୬୫ କୋଟି ଟଙ୍କା ମଞ୍ଜୁର କରିଥିଲେ, କିନ୍ତୁ ଏହି ସହାୟତା ପ୍ରକୃତରେ ଦୁର୍ଗମ ଗ୍ରାମାଞ୍ଚଳରେ ପହଞ୍ଚୁଛି କି ନାହିଁ, ସେ ନେଇ ପ୍ରଶ୍ନ ଉଠୁଥିଲା। ବାସ୍ତବରେ କହିବାକୁ ଗଲେ, ଏହା କେବଳ କାଗଜ-କଲମରେ ସୀମିତ ଶାସନ ଥିଲା।

ଠିକ୍ ସେହି ସମୟରେ ନରେନ୍ଦ୍ର ମୋଦୀ 'ନ୍ୟାୟ ଯାତ୍ରା'ର ଧାରଣା ଆଣିଥିଲେ, ଯାହା 'ସେବା' ପ୍ରତି ଥିବା ପ୍ରତିବଦ୍ଧତାକୁ କାର୍ଯ୍ୟସ୍ତରରେ ପ୍ରମାଣିତ କରିଥିଲା। 'ନ୍ୟାୟ ଯାତ୍ରା' ମାନବିକତା ଓ ସେବାକୁ ସର୍ବୋଚ୍ଚ ପ୍ରାଥମିକତା ଦେବାର ନୀତି ଆଧାରରେ ଅତ୍ୟନ୍ତ ମୌଳିକ ପ୍ରଶ୍ନଗୁଡ଼ିକର ସମାଧାନ କରିଥିଲା।

ପ୍ରଥମ ଥିଲା ଯାଞ୍ଚ: ରିଲିଫ୍ ସ୍ଥଳରେ ଶ୍ରମିକମାନେ ସରକାରଙ୍କ ନିର୍ଦ୍ଦେଶାବଳୀରେ ପ୍ରତିଶ୍ରୁତି ଅନୁଯାୟୀ ମଜୁରୀ ଏବଂ ସୁବିଧା ପାଉଛନ୍ତି କି ନାହିଁ ତାହା ଯାଞ୍ଚ କରିବା ଏବଂ ଯେଉଁଠାରେ ସେମାନେ ପାଉନାହାଁନ୍ତି ତାହା ରେକର୍ଡ କରିବା। ଦ୍ୱିତୀୟ ଥିଲା ସଚେତନତା: ଶ୍ରମିକ, ଚାଷୀ ଏବଂ ଆଦିବାସୀ ସମ୍ପ୍ରଦାୟକୁ ସେମାନଙ୍କର ଅଧିକାର ଏବଂ ସେମାନଙ୍କ ପ୍ରତି ସରକାରଙ୍କ କର୍ତ୍ତବ୍ୟ ବିଷୟରେ ଅବଗତ କରାଇବା, ଯାହା ଦ୍ୱାରା ସେମାନେ ନିଜେ ସେମାନଙ୍କର ପ୍ରାପ୍ୟ ଦାବି କରିପାରିବେ। ତୃତୀୟ ଥିଲା ନ୍ୟାୟ: ଦୁର୍ନୀତି ଏବଂ ତ୍ରୁଟିର ପ୍ରମାଣ ସଂଗ୍ରହ କରିବା ଏବଂ ପ୍ରତିକାର ପାଇଁ ରାଜ୍ୟ କର୍ତ୍ତୃପକ୍ଷଙ୍କ ନିକଟରେ ଆନୁଷ୍ଠାନିକ ଭାବରେ ଉପସ୍ଥାପନ କରିବା। ମୋଦୀ ରିଲିଫ୍ ଅଧିକାରକୁ ସତର୍କତାର ସହିତ କାଗଜାତ ଆକାରରେ ପ୍ରସ୍ତୁତ କରିଥିଲେ ଏବଂ ଶ୍ରମିକମାନଙ୍କୁ ଗ୍ରାମ ପରେ ଗ୍ରାମ ସେମାନଙ୍କର ବିତରଣ ଯାଞ୍ଚ କରିବା ଏବଂ ଲୋକମାନଙ୍କୁ ତଥ୍ୟ ବୁଝାଇବା ପାଇଁ ତାଲିମ ଦେଇଥିଲେ।

ଏହି ଯାତ୍ରାରେ ଚାରୋଟି ରଥ ଥିଲା ଏବଂ ପ୍ରତ୍ୟେକକୁ ପୁରୁଣା ଧରଣର ଛାଉଣି ବା ହୁଡ୍ ଥିବା ଜିପ୍ ଉପରେ ପ୍ରସ୍ତୁତ କରାଯାଇଥିଲା। ଏଗୁଡ଼ିକରେ ପରଦା ଲଗାଯାଇଥିଲା ଯାହାଫଳରେ ସେଗୁଡ଼ିକ ଏକ ଚଳମାନ ମଞ୍ଚ ଭାବରେ କାର୍ଯ୍ୟ କରିପାରିବ। ଏହା ମଧ୍ୟ ମୋଦୀଙ୍କର ଏକ ଅଭିନବ ପ୍ରୟାସ ଥିଲା। ସେହି ସୀମିତ ସମ୍ବଳର ଦିନଗୁଡ଼ିକରେ, ବିଜେପିର ଗୁଜୁରାଟ ଶାଖା ପାଇଁ ମିନି ଟ୍ରକ୍ କିଣିବା ସମ୍ଭବ ନଥିଲା, ତେଣୁ ମୋଦୀ ଏବଂ ତାଙ୍କ ଦଳ ଜିପ୍‌ଗୁଡ଼ିକୁ ରଥରେ ପରିଣତ କରିଥିଲେ। ଗୁଜୁରାଟର ଚାରୋଟି ପ୍ରାନ୍ତ - ଗୋଧ୍ରା, ପାଲନପୁର, ଜାମନଗର ଏବଂ ଭୁଜ - ରୁ ଏହି ୪୦ ଦିନିଆ ଯାତ୍ରା ଆୟୋଜନ କରାଯାଇଥିଲା। ଏହାର ନେତୃତ୍ୱ ଚାରିଜଣ ପ୍ରମୁଖ ନେତା ନେଇଥିଲେ: କେଶୁଭାଇ ପଟେଲ, ଶଙ୍କରସିଂହ ବାଘେଲା, ସୁରେଶଭାଇ ମେହେତା ଏବଂ କାଶିରାମ ରାଣା/ମକରନ୍ଦ ଦେସାଇ। ଏହି ଯାତ୍ରା ଡିସେମ୍ବର ୬ ତାରିଖରେ ଆମ୍ବେଦକରଙ୍କ ପୁଣ୍ୟତିଥି ଅବସରରେ ଆରମ୍ଭ ହୋଇଥିଲା ଏବଂ ୧୯୮୮ ମସିହା ଜାନୁଆରୀ ୧୨ ତାରିଖରେ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଦିନ ଶେଷ ହୋଇଥିଲା।

'ଯାତ୍ରା' ଶବ୍ଦଟି - ଯାହା ପ୍ରଥମ ଥର ପାଇଁ ଦେଶର ରାଜନୈତିକ ଶବ୍ଦକୋଷରେ ପ୍ରବେଶ କରୁଥିଲା ଏବଂ ପରବର୍ତ୍ତୀ ସମୟରେ ଶ୍ରୀ ଏଲ୍.କେ. ଆଡଭାନୀଙ୍କ ୧୯୯୦ ମସିହାର ସୋମନାଥ/ଅଯୋଧ୍ୟା ଯାତ୍ରା ଭଳି ରାଜନୈତିକ ଓ ସାମାଜିକ ବାର୍ତ୍ତା ପ୍ରଚାରର ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ପାଲଟିଥିଲା - ତାହା ମୋଦୀଙ୍କ ଦ୍ୱାରା ଏକ ସୃଜନଶୀଳ ଉପାୟରେ ପ୍ରଚଳନ କରାଯାଇଥିଲା। ସାଧାରଣତଃ 'ଯାତ୍ରା' କହିଲେ ତୀର୍ଥଯାତ୍ରାକୁ ବୁଝାଏ। ତେଣୁ, ଭାରତୀୟ ପରିପ୍ରେକ୍ଷୀରେ ଏହି ଶବ୍ଦଟିର ଏକ ପବିତ୍ର ଅର୍ଥ ରହିଥିଲା।

ଏଠାରେ ହିଁ ଅଭିନବ ଚିନ୍ତାଧାରା ଏବଂ 'ସେବା' ପ୍ରତି ଥିବା ପ୍ରତିବଦ୍ଧତା ପ୍ରକାଶ ପାଇଥିଲା। ଏହି 'ରଥ'ଗୁଡ଼ିକ ସେହି ସବୁ ରିଲିଫ୍ କେନ୍ଦ୍ର ପରିଦର୍ଶନ କରିଥିଲା ଯେଉଁଠାରେ ଗୋଟିଏ ସ୍ଥାନରେ ୫୦୦ରୁ ୧୦୦୦ ଲୋକ ଏକାଠି ହୋଇଥିଲେ। ସେଠାରେ ନେତାମାନେ ଦୁର୍ଭିକ୍ଷ ସମୟରେ ଲୋକଙ୍କ ଅଧିକାର ସମ୍ପର୍କରେ ସେମାନଙ୍କୁ ଅବଗତ କରାଉଥିଲେ; ଯେପରିକି ମାଗଣା ପାଣି ପାଇବାର ସୁବିଧା, ପିଲାମାନଙ୍କ ପାଇଁ ଛାୟାଯୁକ୍ତ ଆଶ୍ରୟସ୍ଥଳ ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀର ଉପଲବ୍ଧତା। ଏହା ତତ୍କାଳୀନ କଂଗ୍ରେସ ସରକାରଙ୍କ ବିରୋଧରେ ଏକ ପରିବେଶ ସୃଷ୍ଟି କରିବା ସହ ଜନସାଧାରଣଙ୍କ ସହାନୁଭୂତି ମଧ୍ୟ ହାସଲ କରିଥିଲା।

ଏହି ଯାତ୍ରା ମାଧ୍ୟମରେ ସିଧାସଳଖ ରିଲିଫ୍ ବା ସହାୟତା ପ୍ରଦାନ କରାଯାଇଥିଲା। କର୍ମୀମାନେ ରିଲିଫ୍ କେନ୍ଦ୍ରଗୁଡ଼ିକରେ 'ସୁଖଡ଼ି' (ଗୁଡ଼, ଗହମ ଅଟା ଏବଂ ଘିଅରେ ପ୍ରସ୍ତୁତ ଏକ ସ୍ୱାଦିଷ୍ଟ ଖାଦ୍ୟ ଯାହା ଦୀର୍ଘ ସମୟ ପର୍ଯ୍ୟନ୍ତ ଭଲ ରହେ), ଚିନାବାଦାମ, ଚଣା ଏବଂ ଗୁଡ଼ ବଣ୍ଟନ କରିଥିଲେ, ଯାହାଫଳରେ ପ୍ରବଳ ଖରାରେ କଠିନ ଶାରୀରିକ ପରିଶ୍ରମ କରୁଥିବା ଶ୍ରମିକମାନଙ୍କୁ ଭୋକିଲା ରହିବାକୁ ପଡ଼ିନଥିଲା। ସେବାର ଏହି ଛୋଟ ପ୍ରୟାସ ଦୁର୍ଦ୍ଦଶାଗ୍ରସ୍ତ ଲୋକଙ୍କ ମନରେ ଆତ୍ମବିଶ୍ୱାସ ସୃଷ୍ଟି କରିବାରେ ବଡ଼ ଭୂମିକା ଗ୍ରହଣ କରିଥିଲା।

ଯାତ୍ରା ସମୟରେ ନରେନ୍ଦ୍ର ମୋଦୀ ଗୃହପାଳିତ ପଶୁମାନଙ୍କ ଅବସ୍ଥାକୁ ନେଇ ଚିନ୍ତିତ ଥିଲେ। ସେ ବିଜେପି କର୍ମୀମାନଙ୍କୁ 'ବୈଲବାରା' (ଗୋ-ଆଶ୍ରୟସ୍ଥଳ) ବ୍ୟବସ୍ଥା କରିବା ପାଇଁ ଉତ୍ସାହିତ କରିଥିଲେ। ମରୁଡ଼ି ସମୟରେ ଚାଷୀମାନେ ସେଠାରେ ନିଜର ବଳଦଗୁଡ଼ିକୁ ଛାଡ଼ି ଦେଉଥିଲେ ଏବଂ ସଙ୍କଟ ଟଳିଯିବା ପରେ ସେଗୁଡ଼ିକୁ ଫେରାଇ ନେଇ ପୁନର୍ବାର ଚାଷ କାର୍ଯ୍ୟ ଆରମ୍ଭ କରୁଥିଲେ। ଏହା ମଧ୍ୟ ଥିଲା 'ସେବା'ର ଏକ ଜ୍ୱଳନ୍ତ ଉଦାହରଣ। ପଶୁମାନଙ୍କ ପ୍ରତି ଏହି ଯତ୍ନଭାବ ମୋଦୀଙ୍କ ଜୀବନର ଏକ ଅବିଚ୍ଛେଦ୍ୟ ଅଂଶ ହୋଇ ରହିଆସିଛି। ଯେତେବେଳେ ସେ ଗୁଜୁରାଟର ମୁଖ୍ୟମନ୍ତ୍ରୀ ହେଲେ, ସେ ନିୟମିତ ଭାବେ ପଶୁ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରୁଥିଲେ, ଯେଉଁଠାରେ ଗାଈ ଓ ମଇଁଷିମାନଙ୍କର ଆଖିର ମୋତିଆବିନ୍ଦୁ ପାଇଁ ମଧ୍ୟ ଚିକିତ୍ସା କରାଯାଉଥିଲା।

ଏହି ଯାତ୍ରା ତୃଣମୂଳ ସ୍ତରରେ ଲୋକଙ୍କ ସହ ତୁରନ୍ତ ଏକ ସମ୍ପର୍କ ସ୍ଥାପନ କରିପାରିଥିଲା। ମୁଁ ଏହିପରି ଅନେକ ସଭାର ଖବର ସଂଗ୍ରହ କରିଥିଲି। ଗ୍ରାମାଞ୍ଚଳ ଏବଂ ଆଦିବାସୀ ଅଞ୍ଚଳର ଲୋକମାନେ ଏହି ଯାତ୍ରା ସହିତ ବହୁଳ ଭାବରେ ଯୋଡ଼ି ହୋଇଯାଇଥିଲେ।

ଏହି ଅଧିବେଶନଗୁଡ଼ିକ ବାରମ୍ବାର ସମାନ ପ୍ରକାରର ତ୍ରୁଟି ଦେଖାଯାଉଥିଲା: ଶ୍ରମିକଙ୍କ ପାଖରେ ପହଞ୍ଚିବା ପୂର୍ବରୁ ମଜୁରୀ ଅଟକାଯାଉଥିଲା କିମ୍ବା ହ୍ରାସ କରାଯାଉଥିଲା। ବିଜେପି କର୍ମୀମାନେ ଏହି ଅଭିଯୋଗଗୁଡ଼ିକୁ କ୍ରମାଗତ ଭାବରେ ରେକର୍ଡ କରିଥିଲେ। ଶ୍ରମିକମାନଙ୍କୁ ସେମାନେ ପାଇଥିବା ମଜୁରୀର ରେକର୍ଡ ରଖିବାକୁ, ଦସ୍ତଖତ କରିବାକୁ କିମ୍ବା ଅଙ୍ଗୁଠି ଚିହ୍ନ ଦେବାକୁ ଉତ୍ସାହିତ କରାଯାଇଥିଲା। ଗ୍ରାମ ସରପଞ୍ଚମାନେ ଶ୍ରମିକମାନଙ୍କୁ କମ୍ ମଜୁରୀ ଦିଆଯାଉଥିବା ସ୍ଥାନରେ ଲିଖିତ ବିବୃତ୍ତି ଦେଇଥିଲେ। ସରକାରଙ୍କ ବିଫଳତା ବିଷୟରେ ଖବରକୁ ପ୍ରେସ୍ ବୈଠକ ଏବଂ ସ୍ମାରକପତ୍ର ମାଧ୍ୟମରେ ପ୍ରସାରିତ କରାଯାଇଥିଲା, ଯାହା ଫଳରେ ସରକାର ଏବଂ ଏହାର ପ୍ରଣାଳୀ ଉପରେ ଚାପ ସୃଷ୍ଟି ହୋଇଥିଲା।

ଯାତ୍ରା ଯୋଗୁଁ, ଶ୍ରମିକମାନେ ସେମାନଙ୍କର ଅଧିକାର ଜାହିର କରିବାକୁ ଆରମ୍ଭ କରିଥିଲେ। ସେମାନେ କ'ଣ ପାଇବାକୁ ହକ୍‌ଦାର ତାହା ଜାଣିବା ପରେ, ଶ୍ରମିକମାନେ ଠିକାଦାର ଏବଂ ଅଧିକାରୀମାନଙ୍କୁ ସେମାନଙ୍କ ମଜୁରୀ ବିଷୟରେ ପ୍ରଶ୍ନ କରିବା ଆରମ୍ଭ କରିଥିଲେ। ଏହା ଠିକାଦାର ଏବଂ ପ୍ରଶାସନ ଉପରେ ସେମାନଙ୍କୁ ଠିକ୍ ଭାବରେ ଦେବା ପାଇଁ ଚାପ ପକାଇଥିଲା। ଅମର ସିଂହ ସରକାରଙ୍କୁ କାର୍ଯ୍ୟ କରିବାକୁ ବାଧ୍ୟ କରାଯାଇଥିଲା। ଗରିବଙ୍କ ପକ୍ଷରୁ ନିରନ୍ତର ସମର୍ଥନ ତତ୍କାଳୀନ ସରକାରଙ୍କୁ ଅଧିକ ବ୍ୟାପକ ଭାବରେ ସହାୟତା ପ୍ରଦାନ କରିବାକୁ ଚାପ ପକାଇଥିଲା।

ଏହି ଯାତ୍ରା ଯୋଗୁଁ ବିଜେପି ଗ୍ରାମାଞ୍ଚଳରେ ନିଜର ଆଧାର ବିସ୍ତାର କରିପାରିଲା। ପୂର୍ବରୁ ଏହି ଦଳକୁ ମୁଖ୍ୟତଃ ସହରାଞ୍ଚଳର ମଧ୍ୟବିତ୍ତ ଶ୍ରେଣୀର ଦଳ ଭାବରେ ବିବେଚନା କରାଯାଉଥିଲା, କିନ୍ତୁ କ୍ରମଶଃ ଏହା ଶ୍ରମିକ, କୃଷକ ଏବଂ ଆଦିବାସୀ ସମ୍ପ୍ରଦାୟ ମଧ୍ୟରେ ସମର୍ଥନ ହାସଲ କଲା। ଏହା ଦଳରେ ବହୁ ସଂଖ୍ୟକ ନୂତନ କର୍ମୀଙ୍କୁ ମଧ୍ୟ ସାମିଲ କଲା। କିନ୍ତୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ, ମୋଦୀଙ୍କ ସେବା ଭିତ୍ତିକ ମଡେଲ୍ ବିଜେପି ଏବଂ ଜନସାଧାରଣଙ୍କ ମଧ୍ୟରେ ଏକ ଭାବଗତ ସମ୍ପର୍କ ସ୍ଥାପନ କଲା। ତେଣୁ ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ଯେ ୧୯୮୯ ମସିହାରୁ - ଯେବେଠାରୁ ନରେନ୍ଦ୍ର ମୋଦୀ ସାଙ୍ଗଠନିକ ଦାୟିତ୍ୱ, ରାଜ୍ୟରେ ପ୍ରଶାସନିକ ଦାୟିତ୍ୱ ଏବଂ ପରବର୍ତ୍ତୀ ସମୟରେ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି - ବିଜେପି କେବେବି ଲୋକସଭା କିମ୍ବା ବିଧାନସଭା ନିର୍ବାଚନରେ ??ପରାଜିତ ହୋଇନାହିଁ।

ଏହିପରି ଭାବେ, ନ୍ୟାୟ ଯାତ୍ରା ପ୍ରକୃତରେ ରାଜନୈତିକ ମାଧ୍ୟମ କିମ୍ବା ସାର୍ବଜନୀନ ଜୀବନ ମାଧ୍ୟମରେ ଲୋକଙ୍କ ସେବା ଉପରେ ଆଧାରିତ ମୋଦୀଙ୍କ ରାଜନୈତିକ ତଥା ସାମାଜିକ ଚିନ୍ତାଧାରାର ଏକ ରୂପରେଖ ଥିଲା। ଏହା ସୁନିଶ୍ଚିତ କଲା ଯେ ସରକାରୀ ସୁବିଧାଗୁଡ଼ିକ ପ୍ରକୃତ ହିତାଧିକାରୀଙ୍କ ନିକଟରେ ସମ୍ପୂର୍ଣ୍ଣ ଭାବେ ପହଞ୍ଚିବ; ଏଥିପାଇଁ ସରକାରୀ ଅର୍ଥ ହଡ଼ପ କରୁଥିବା ମଧ୍ୟସ୍ଥିମାନଙ୍କୁ ଦୂର କରାଗଲା ଏବଂ ନାଗରିକମାନଙ୍କୁ ସେମାନଙ୍କ ପ୍ରାପ୍ୟ ସମ୍ପର୍କରେ ସଚେତନ କରାଗଲା। ଗତ ୨୫ ବର୍ଷ ଧରି, ଯେଉଁ ସମୟ ମଧ୍ୟରେ ସେ ବିଭିନ୍ନ ସରକାରର ନେତୃତ୍ୱ ନେଇଛନ୍ତି, ଏହି ଚିନ୍ତାଧାରା ତାଙ୍କ କାର୍ଯ୍ୟଶୈଳୀର ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇ ରହିଆସିଛି। ଏବଂ ଏହା ମଧ୍ୟ ଦର୍ଶାଏ ଯେ ମୋଦୀ କାହିଁକି ସଫଳ ହୋଇଛନ୍ତି... କାରଣ 'ସେବା' ଭଳି ଅନ୍ୟ କୌଣସି ଜିନିଷ ଲୋକଙ୍କୁ ଏତେ ନିବିଡ଼ ଭାବେ ଯୋଡ଼ିପାରେ ନାହିଁ !

(ଲେଖକ ଜଣେ ବରିଷ୍ଠ ସାମ୍ବାଦିକ ଏବଂ ଜଣାଶୁଣା ଲେଖକ ଅଟନ୍ତି)



— ଆମ ଠିକଣା —

ମାତୃଭାଷା, ସାର୍ଥକ ପ୍ୟାଲେସ୍, ପ୍ଲଟ୍ ନଂ-୧୫୭୦/୧୫୭୧, ସେକ୍ଟର-୬, ସିଡିଏ, କଟକ

## ଧନ୍ୟ ହେ ଉତ୍କଳମଣି

ସୁଆଣ୍ଡୋ ଗ୍ରାମରେ ଜନମ ନେଇ
ଏ ଜାତିର ଟେକ ରଖିବା ପାଇଁ
ଦେବଦୂତ ହୋଇ ତୁମେ,
ଓହ୍ଲାଇ ଆସିଲ ସରଗପୁରୀରୁ
ଏ ପୁଣ୍ୟ ପବିତ୍ର ଧାମେ।
ସ୍ୱର୍ଣ୍ଣମୟୀ ସ୍ୱର୍ଣ୍ଣ କୋଳ ମଣ୍ଡନେ
ଦଇତାରିଙ୍କର ଆଶିଷ ଦାନେ
ଉତ୍କଳର ମଣି ହେଲ,
ଏ ଦେଶ ମାଟିରେ ଦେହକୁ ମିଶାଇ
ପିଠିରେ କଷଣ ନେଲ।
ବନ୍ୟା ବାତ୍ୟା ବାଢ଼ି ମରୁଡ଼ି ବଢ଼ି
ମହାମାରୀ ମହା ବିପତ୍ତି ଧରି
ପ୍ରକୃତି ଆସଇ ଯେବେ,
ଦୃଢ଼ ମୁକାବିଲା କରିବା ପାଇଁକି
ଅଣ୍ଟା ଭିଡ଼ିଥିଲ ସେବେ।
କୋଟିଏଙ୍କ ଦୁଃଖେ ହୋଇଲ ଦୁଃଖୀ
ନିଜ ପୁଅ ଘରେ ବୁଜିଲା ଆଖି
କେମିତିକା ବାପ ତୁମେ,
ଭାଙ୍ଗିପଡ଼ି ନାହଁ ଏଦାରୁଣ ଦୁଃଖେ
ଲାଗି ସେ ମହତ କାମେ।
ଚିର ସବୁଜିମା ବକୁଳବନେ
ଛୁରିଅନା ତରୁକୁଞ୍ଜ କାନନେ
ବନବିଦ୍ୟାଳୟ ଗଢ଼ି,
ତିଆରି କରିଲ ସଫଳ ମଣିଷ
ବାହାରିଲେ ପାଠ ପଢ଼ି।
ସମାଜର ମୁଖପତ୍ର,
ଦୈନିକ ସମାଜ ପତ୍ରିକା ଛପାଇ
ଖୋଲିଦେଲ ଜ୍ଞାନନେତ୍ର।

**ଜୟକୃଷ୍ଣ ସାହୁ**
**କପିଳପ୍ରସାଦ, ଭୁବନେଶ୍ୱର-୨**
**ମୋ-୯୯୩୭୦୯୨୩୯୭**

## ପାର୍ବଣ ଋତୁ



ଆଶ୍ୱିନ ମାସରେ ଦଶହରା ଆସେ
ବିରାଜନ୍ତି ଦଶଭୁଜା
ସଭିଏଁ କହନ୍ତି, 'ପାର୍ବଣ ଋତୁରେ
ଚାଲୁଅଛି ଦୁର୍ଗାପୂଜା ।'
ଦେବୀ ଆଗମନ ଜାଣିକି ପ୍ରକୃତି
ନିଜକୁ ସଜାଇ ଦିଏ
ସୁନ୍ଦର ପଣରେ ଅତି ସହଜରେ
ମନକୁ ସେ ମୋହିନିଏ ।
ସୁନୀଳ ଆକାଶେ ଭାସି ଯାଉଥାନ୍ତି
ଧଳା ମେଘଖଣ୍ଡମାନ
ଧରଣୀ ପିନ୍ଧଇ ଶ୍ୟାମଳିମା ପାଟ
କ୍ଷେତରେ ସବୁଜ ଧାନ ।
କାଶତଣ୍ଡି ଫୁଲ ଢ଼ଳି ହସୁଥାଏ
ବହିଗଲେ ମୃଦୁ ବାଆ
ଅପେକ୍ଷାରେ ଥାଏ କେତେବେଳେ ଆସି
ବିରାଜିବେ ଦୁର୍ଗା ମାଆ ।
ଚନ୍ଦ୍ରମଣ୍ଡଳ ଯେ ଅତି ମନୋହର
ସରୋବରେ ପଦ୍ମ, କଇଁ
ନୂଆନୂଆ କରି ଶିଶିର ଝରଇ
ସଞ୍ଜ ଆସିଗଲେ ନଇଁ ।
ଜନ୍ମାଷ୍ଟମୀ ଦିନ ମାଟି ଉଠାଯାଇ
ମୂର୍ତ୍ତି ହୋଇଥାଏ ଗଢ଼ା
ଶୁକଳ ଷଷ୍ଠୀରୁ ପୂଜା ଆରମ୍ଭଇ
ସପ୍ତସତୀ ଚଣ୍ଡୀ ପଢା ।
ପୂଜା ମଣ୍ଡପରେ ମୃଣ୍ମୟୀ ପ୍ରତିମା
ଆହା କି ସୁନ୍ଦର ଶୋଭା
ମାଆଙ୍କର ମୂର୍ତ୍ତି ନିଖୁଣ ଗଠନ
ଦିଶୁଥାନ୍ତି ମନଲୋଭା ।
ପୀଠମାନଙ୍କରେ ମୂଳାଷ୍ଟମୀ ଠାରୁ
ଷୋଳଦିନ ପୂଜା ହୁଏ
ଏହି ପୂଜା ପାଇଁ ଭକତ ପ୍ରବର
ଷୋଳ ଉପଚାର ଥୁଏ ।
ସପ୍ତମୀ, ଅଷ୍ଟମୀ, ନବମୀ, ଦଶମୀ
ମହାପୂଜା ହେବା ଧାର୍ଯ୍ୟ
ବିଧି ଅନୁସାରେ ନିଷ୍ଠା ସହକାରେ
କରାଯାଏ ପୂଜା କାର୍ଯ୍ୟ ।
ଦଶହରା ବାସି ଭସାଣି ଉତ୍ସବ
ମାଆ ବିସର୍ଜନ ହେବେ
ମୃଣ୍ମୟୀ ଦେବୀଙ୍କୁ ଶୋଭାଯାତ୍ରା କରି
ନଦୀ, ପୋଖରୀକୁ ନେବେ ।
ଆମେ ଯେତେ ଅଛେ କୁନିକୁନି ପିଲା
ମାଆଙ୍କ ପାଖକୁ ଯିବା
ମାଆଙ୍କୁ ଭକ୍ତିରେ ପ୍ରଣାମ କରିକି
ମାଆଙ୍କ ପାଖରେ ଥିବା ।
ମାଆଙ୍କୁ କହିବା ମନଖୋଲା କଥା
ହସିଦେବେ ପରା ମାଆ
ଆଶିଷ ବାଢିବେ ଖୁସିରେ କହିବେ,
' ସମସ୍ତେ ଭଲରେ ଥାଅ ।'
ମାଆ ଆଶୀର୍ବାଦେ ଶୁଭଙ୍କର ହେବ
ଚଲାପଥ ପରା ଆମ
କାମରେ ଆମେ ତ ସଫଳ ହୋଇବା
ଅରଜିବା ପୁଣି ନାମ ।
ଦଶହରା ଛୁଟି କଟାଇକି ଆମେ
ବିଦ୍ୟାଳୟ ପୁଣି ଯିବା
ଦଶହରା ଛୁଟି କେମିତି କାଟିଲେ
କୁହାକୁହି ହେଉଥିବା ।

**ନିରଞ୍ଜନ ସାହୁ**
**ନିହଲ ପ୍ରସାଦ, ଗଁଦିଆ ପାଟଣା**
**ଢେଙ୍କାନାଳ-୭୫୯୦୧୬**
**ମୋ-୯୯୩୮୭୪୧୫୮୩**

# ମାଆସାପ ନିଜର କଥା ରଖିଲା



ଛୁଆସାପଟିଏ ଯାଉଥାଏ। ମାଆ ବେଙ୍ଗଟିଏ ତାକୁ ଦେଖି ପଚାରିଲା, "କୁଆଡ଼େ ଯାଉଛୁ କିରେ? ତୋ ମାଆ କ'ଣ ସାଥିରେ ନାହିଁ?" ଛୁଆସାପଟି କହିଲା, "ଆଜି ଆମ ମାଆର ଦେହ ଭଲ ନାହିଁ। ତେଣୁ ଆମେ ଛୁଆମାନେ ଏକୁଟିଆ ଏକୁଟିଆ ବୁଲୁଛୁ।" ମାଆବେଙ୍ଗର ମନ ଖୁସି ହୋଇଗଲା। ସେ କହିଲା, "ତୋ ମାଆ ପରା ମୋର ମିତ। ସେ ଯେତେବେଳେ ଯୁଆଡ଼େ ଯାଏ ମୋତେ ସାଥିରେ ନିଏ। ତାର ଦେହ ଭଲନାହିଁ ଯେତେବେଳେ ମୁଁ ତାକୁ ଟିକିଏ ଯାଇ ଦେଖିଆସିବି।" ଛୁଆସାପ ମାଆବେଙ୍ଗର କଥାକୁ ସତ ଭାବି ସେଠାରେ ବୁଲିଲା। ତାକୁ ମାଆବେଙ୍ଗ କହିଲା, "ତୁ ଆମ ଘରକୁ ଟିକେ ଆ ବୁଲିଯିବୁ।" ଛୁଆସାପ ତା' କଥାରେ ଗଲା। ସେ ଯେଉଁ ସ୍ଥାନକୁ ନେଲା ସେଠାରେ ବହୁତ ବେଙ୍ଗ ଥିଲେ। ସେମାନେ ଛୁଆସାପକୁ ଦେଖି କହିଲେ, "ଭଲ ହୋଇଛି। ତୋ ମାଆ ଆମ ଛୁଆମାନଙ୍କୁ କେତେ ଯେ ଖାଇଛି ତାର ଠିକଣା ନାହିଁ। ଆଜି ଆମେ ତୋତେ ଏଠି ମାରିବୁ।" ବିଚରା ସାପଛୁଆ କାନ୍ଦି ପକାଇ କହିଲା, "ମୋ ମାଆ ତୁମର ସିନା ଶତ୍ରୁ ମୁଁ ତ ନୁହେଁ। ମୋତେ ଛାଡ଼ିଦିଅ।" ତାକୁ ନେଇଥିବା ବେଙ୍ଗଟି କହିଲା, "ତୋତେ ଛାଡ଼ିଲେ ଆମ ଉପରେ ବିପଦ ନିଶ୍ଚିତ। ତେଣୁ ତୋତେ ଆମେ ଛାଡ଼ିବୁ ନାହିଁ।"

ସେମାନେ ତାକୁ ଖାଇବାକୁ ନଦେଇ ସମସ୍ତେ ଘେରି ରହିଲେ। ଛୁଆମାନଙ୍କୁ ଯେ ହଇରାଣ କଲେ ତାର ଦଣ୍ଡ ଭୀଷଣ ଏକଥା ସେମାନେ ଜାଣିପାରିଲେ ନାହିଁ।

ତେଣେ ସବୁ ଛୁଆମାନେ ଫେରିବା ପରେ ସେହି ଛୁଆଟି ଫେରିଲା ନାହିଁ। ତାକୁ ଖୋଜିବାକୁ ନିଜେ ମାଆ ବାହାରିଲା। ସନ୍ତାନହରା ଛୁଆ ସବୁବେଳେ ଭୟଙ୍କର। ସେ ଭୀଷଣ ରାଗରେ ଖୋଜିଲା। ବୁଲି ବୁଲି ଯାଇ ବେଙ୍ଗମାନଙ୍କ ପାଖରେ ପହଞ୍ଚିଲା। ତାର ଛୁଆକୁ ଯେତେବେଳେ ରଖିଛନ୍ତି ସେ ନେହୁରା ହୋଇ କହିଲା, "ମୋର ଛୁଆକୁ ଛାଡ଼ିଦିଅ। ମୁଁ ଚାଲିଯିବି।" ସେମାନେ କିନ୍ତୁ ଜିଦ୍ ଧରି କହିଲେ, "ଆଜି ପର୍ଯ୍ୟନ୍ତ ଆମ ଛୁଆ ଯେତେ ଖାଇଛୁ ଆମକୁ ଦେଲେ ଆମେ ଛାଡ଼ିବୁ ନହେଲେ ନାହିଁ।" ମାଆସାପ କହିଲା, "ସେମାନଙ୍କୁ ତ ମୁଁ ଖାଇସାରିଛି ଆଣି ଦେବି କେମିତି? ମୁଁ କଥା ଦେଉଛି ଆଉ ଏଣିକି ତୁମମାନଙ୍କ ଛୁଆଙ୍କୁ ଖାଇବି ନାହିଁ। ତୁମେ ମୋ ଛୁଆକୁ ଛାଡ଼ିଦିଅ।" ସେମାନେ ଶୁଣିଲେ ନାହିଁ।

ଏମିତି କିଛି ସମୟ ନେହୁରା ହେବା ପରେ ସେ ଭୟଙ୍କର ଗର୍ଜନ କଲା। ଏଥିରେ ତା' ଛୁଆ ବି ଡରିଗଲା। ସେ କହିଲା, "ମୁଁ ଜଣେ ମାଆ ହିସାବରେ ମୋର ଛୁଆକୁ ଚାହୁଁଥିଲି। ତୁମ୍ଭମାନଙ୍କୁ ପ୍ରତିଶ୍ରୁତି ଦେଲି ଆଉ ତୁମମାନଙ୍କ ଛୁଆ ନଖାଇବା ପାଇଁ। ତଥାପି ତୁମ୍ଭେମାନେ ମୋ ଛୁଆକୁ ଛାଡୁନାହଁ।" ସେ ଖପ୍‌କରି ତା' ଛୁଆକୁ ନେଇଥିବା ବେଙ୍ଗକୁ ଧରିଲା। ସେ ବିକଳ ହୋଇ କାନ୍ଦିଲା। ତାର ସାଥିମାନଙ୍କୁ କହିଲା, "ମୋତେ ରକ୍ଷାକର।" ତାକୁ ରକ୍ଷା କରିବା ତ ଦୂରେ ଥାଉ ସେମାନେ ଯିଏ ଯୁଆଡ଼େ ଲୁଚିଗଲେ। ଦେଇଥିବା କଥା ରକ୍ଷାକରିବା ପାଇଁ ନଖାଇ ତାକୁ ଛାଡ଼ି ନିଜ ଛୁଆ ସହିତ ବସାକୁ ଫେରିଲା।

ସେ ଫେରିଲା ବେଳେ କହିଲା, "ମୁଁ ଭୟଙ୍କର ହେଲେ ବି ମୋ କଥାକୁ ଠିକ୍ ଭାବରେ ରକ୍ଷାକରେ।" ମୋତେ ଆଘାତ ନକଲେ ଅଯଥାରେ ମୁଁ କାହାରି କ୍ଷତି କରେନାହିଁ।"

**ରମେଶ ଚନ୍ଦ୍ର ଦାଶ**
**ଶିକ୍ଷାଶ୍ରୀ ଲେନ୍, ଅଠରନଳା,**
**କୁମ୍ଭାରପଡ଼ା, ପୁରୀ-୨, ପୁରୀ**
**ଫୋନ୍-୯୭୭୬୨୩୮୫୨୨**

## ତୁମକୁ ଝୁରୁଛି ଦେଶ

ଏ ଜାତି ଏ ଦେଶ ରାଇଜ ଜନତା
ତୁମକୁ ହୁଅନ୍ତି ଝୁରି
ତୁମ ସ୍ୱୋ ତ୍ୟାଗ କାହାଣୀ ଶୁଣିଲେ
ଆମ ମଥା ଯାଏ ଘୂରି ।।
ରୋଗୀଣା ପୁଅର ଶୁଖିଲା ମୁହଁକୁ
ଚାହିଁତ ନଥିଲେ ଦିନେ
କେମିତି ବଞ୍ଚିବେ ବିପଦରୁ ଲୋକେ
ସେକଥା ଥିଲାତ ମନେ ।।
ମେଘ ଅନ୍ଧକାର ରାତିସାରା ବସି
ନୟନ ଯୁଗଳ ଖୋଲି
ଦେଖୁଥିଲ ଦୀନ ନିରିମାଖି କାନ୍ଦ
ତାଙ୍କୁ ଶାହା ହେବ ବୋଲି ।।
ବନ୍ଧ ଭାଙ୍ଗିଗଲା ପାଣି ଉଜାଡ଼ିଲା
ଗାଆଁ ଲୋକଙ୍କର ଘର
ତୁମ ଛାତି ତଳେ କୋହ ଭରିଗଲା
ଲାଗିଲା ଛାନିଆ ଡର ।।
ଚାଉଳ ଚାଦର ଧୋତି ଚୁଡ଼ା ଗୁଡ଼
ବାଣ୍ଟିଲ ଲୋକଙ୍କୁ ଯାଇ
କହିଲ ଆଦରେ ଭୋକ ବେଳେ ଖାଅ
ହରଷେ ଭଉଣୀ ଭାଇ ।।
ସେବା ଦେବା ସାଥେ ସାଧୀନତା ପାଇଁ
କରିଥିଲ ପୁଣି ରଣ
ବିଦେଶୀ ହଟିଲେ ମୁକତିର ମହୁ
ଚାଖିଥିଲେ ଜନଗଣ ।।
ବାତିଆ ବନିଆ ମରୁଡ଼ି ବେଳରେ
ତୁମକୁ ପଡୁଛି ଖୋଜା
ହେ ଉତ୍କଳମଣି ଆମେ ଚିର ଋଣୀ
ତୁମ ପାଦ କରୁ ପୂଜା ।।

**ପ୍ରଶାନ୍ତ କୁମାର ଦାଶ**
**କୁଞ୍ଜର -ସଙ୍ଗଲାଇ**
**ପିପିଲି -ପୁରୀ**
**ମୋବାଇଲ -**
**୯୬୬୮୮୨୨୧୯୦**



## ମନେ ପଡ଼ିଯାଏ

ମନେ ପଡ଼ିଯାଏ ପିଲାଦିନ ସ୍ମୃତି
ଅଳି ଅଝଟିଆ ବେଳ
ବାପାଙ୍କ ଶାସନ ମାଆର ଆକଟ
ଜେଜେ ମା ଉଷୁମ କୋଳ ।
ମନେ ପଡ଼ିଯାଏ ଗାଆଁ ଦାଣ୍ଡଟାରେ
ବାଲି ମାଟି ଧୂଳି ଖେଳ
ମାନ ଅଭିମାନ ରାଗ ରୁଷା ଯେତେ
ସାଙ୍ଗସାଥୀଙ୍କର ମେଳ ।
ମନେ ପଡ଼ିଯାଏ ଅବଧାନଙ୍କର
ଅମରି ବେତର ଛାଟ
ଅତୀତର ସେହି ବରଷାରେ ଭିଜା
ହିଡର କାଦୁଅ ବାଟ ।
ମନେ ପଡ଼ିଯାଏ କୁଆଁର ପୁନେଇଁ
ହୋଲି ରଜ ଦୋଳି ଖେଳ
ଯାତରା ପରବେ ବୁଲିବାର ମଜା
ମିଳିମିଶି ହୋଇ ଦଳ ।
ମନେ ପଡ଼ିଯାଏ ଗାଆଁ ଦଣ୍ଡନାଚ
ନଈପଠା ଆମ୍ବ ତୋଟା
ପୁନିଅଁ ପରବେ ବୋଉ ହାତଗଢ଼ା
ଆରିସା କାକରା ପିଠା ।
ମନେ ପଡ଼ିଯାଏ ଲୁହ ଭରିଯାଏ
ଭାଇ ଭଉଣୀଙ୍କ କଳିରେ
ବୋଉ ହାତରନ୍ଧା ସୁଆଦିଆ ଖିରି
ରାଗ ମିଶା ମିଠା ଗାଳି ।
ମନେ ପଡିଯାଏ ଜେଜେ ବାପାଙ୍କର
ଭକ୍ତିରେ ଠାକୁର ପୂଜା
ଖୁଦୁରୁକୁଣୀରେ ସାଥି ମେଳେ ମିଶି
ମଙ୍ଗଳା ମଣ୍ଡପ ସଜା ।
ମନେ ପଡିଯାଏ ବାଡ଼ି ବଗିଚାରୁ
ଚାଙ୍ଗୁଡ଼ିରେ ଫୁଲତୋଳା
ସାହି ପଡ଼ିଶାଙ୍କ ସେନେହ ସମ୍ପର୍କ
ମାଆ କଥା ସ୍ନେହଁ ବୋଳା ।

**ନଳିନୀ ଦାଶ,**
**ଭିକାରିପଡ଼ା, ଶରଣକୁଳ, ନୟାଗଡ଼**
**ମୋ-୯୨୩୮୯୯୬୬୪୯**

## ପୂଣ୍ୟ ନବରାତ୍ର ଆସୁଛି...

ମହା ପାର୍ବଣର ପୂଣ୍ୟ ନବରାତ୍ର
ଆସୁଛି ମରତେ ମିତ
ନଅ ଭିନ୍ନ ରୂପେ ଦେଖା ଦେବେ ମାତା
ହସିବ ଧର୍ମ ଜଗତ।
ଦେବୀ ଶୈଳପୁତ୍ରୀ ମା' ବ୍ରହ୍ମଚାରିଣୀ
ଚନ୍ଦ୍ରଘଣ୍ଟା ନାମେ ମାତ
ଜନନୀ କୁଷ୍ମାଣ୍ଡୋ ସ୍କନ୍ଦମାତା ନାମେ
ଜଗତେ ହେବେ ପୂଜିତ।
ପବିତ୍ର ଷଷ୍ଠୀରେ ମାତା କାତ୍ୟାୟିନୀ
ସପ୍ତମୀରେ କାଳରାତ୍ରୀ
ଅଷ୍ଟମୀ ତିଥିରେ ମହାଗୌରୀ ପୁଣି
ନବମୀରେ ସିଦ୍ଧିଦାତ୍ରୀ।
ଭିନ୍ନ ସ୍ୱରୂପରେ ଭିନ୍ନ ବସ୍ତ୍ର ପିନ୍ଧି
ଜଗତେ ପାଇବେ ପୂଜା
ତାଂକ ଆଗମନେ ଛକ ବଜାରରେ
ତୋରଣ ହେଲାଣି ସଜା।
ତୂରୀ ଭେରୀ ଯୋଡି ନାଗରା ବାଜିବ
କମ୍ପିବ ସାରା ଜଗତ
ସତ୍ୟ ଅହିଂସାକୁ ଆଦରିବେ ଜନେ
ଦୂରେଇ ଛନ୍ଦ କପଟ।
ଆମେ ସର୍ବେ ମିଳି ମାତାଂକ ଚରଣେ
ଦୀପଟିଏ ଦେବା ଜାଳି
ସତ୍ୟ ଧର୍ମ ପଥେ ସଭିଏଁ ଚାଲନ୍ତୁ
ମାତାଂକୁ କରିବା ଅଳି।
ଜଗତ ଜନନୀ ଧର୍ମକୁ ପରଖି
ପାପୀକୁ କରିବେ ନାଶ
ସଭିଂକ ପରାଣେ ସୁଖ ଶାନ୍ତି ବାଣ୍ଟି
ମୁଖେ ଭରିଦେବେ ହସ।

**ରାମଚନ୍ଦ୍ର ବେହେରା**
**ତେନ୍ତୁଳିପଦା, ଜଗତସିଂହପୁର**
**ମୋ-୭୩୫୫୬୩୪୩୪୬**

# ।। ଯୋଗ କରି ବୁବୁ ହେଲା ନିରୋଗ ।।

ପ୍ରତିଦିନ ଫାଷ୍ଟଫୁଡ୍ ଖାଇବାକୁ ବୁବୁର ଭାରି ଇଚ୍ଛା ହୁଏ। ବର୍ଗର, ଚାଉମିନ୍, ପିଜ୍ଜା ଖାଇବାପାଇଁ ଜିଦ୍ କରେ। ଫାଷ୍ଟଫୁଡ୍ ଖାଇବା ସ୍ୱାସ୍ଥ୍ୟ ପାଇଁ କେତେ ଯେ କ୍ଷତି ମା' ଜାଣିଥିଲେ ବି ପୁଅ ର ଜିଦ୍ ପାଖେ ହାରି ଯାଆନ୍ତି। ବାପାଙ୍କ ତାଗିଦ୍ ବି ତା' ଉପରେ କିଛି ପ୍ରଭାବ ପଡେନାହିଁ। ଫାଷ୍ଟଫୁଡ୍ ଖାଇବାଦ୍ୱାରା ବୁବୁର ଓଜନ ବଢୁଥାଏ। ଓଜନ ବଢ଼ିବା ହେତୁ କିଛି କାମ କଲେ ସଙ୍ଗେସଙ୍ଗେ ଥକିପଡେ। ମା' ବାପା ତା' ଓଜନ ବଢିବା, ମୋବାଇଲ୍ ଦେଖିବାରେ ଚିନ୍ତିତ ହୁଅନ୍ତି। କେମିତି ଓଜନ କମିବ ସେପାଇଁ ଡାକ୍ତରଙ୍କ ପରାମର୍ଶ ଲୋଡ଼ନ୍ତି। ଡାକ୍ତର ବୁବୁକୁ ଫାଷ୍ଟଫୁଡ୍ ଖାଇବାକୁ ବାରଣ କରିବା ସତ୍ତ୍ୱେ ସେ ତାଙ୍କ କଥା ମାନେନାହିଁ।

ଦିନେ ବାପା ତା' ମା'କୁ କହିଲେ-ଚାଲ, ଆମେ କିଛିଦିନ ପାଇଁ ଗାଁ ଆଡେ ବୁଲିଆସିବା। ବୁବୁର ତ ଗ୍ରୀଷ୍ମଛୁଟି ପଡିଛି।ଗାଁ ପରିବେଶରେ କିଛିଦିନ ରହିଲେ ହୁଏତ ତା'ର କିଛି ପରିବର୍ତ୍ତନ ଘଟିବ।

ଠିକ୍ ଚାରିଦିନ ବାଦେ ତିନିହେଁ ଗାଁରେ ପହଞ୍ଚିଗଲେ। ବୁବୁର ଜେଜେ, କକା-ଖୁଡୀ, ମୁନୁ, ମୀନା ଗାଁରେ ରୁହନ୍ତି। ପ୍ରଥମ ଦିନ ଦ୍ୱିପହରେ ଖୁଡୀ ସମସ୍ତଙ୍କ ପାଇଁ ସ୍ୱାଦିଷ୍ଟ ଖାଦ୍ୟ ପରଷି ଦେଲେ। ବୁବୁ ଖୁଡୀ ହାତରନ୍ଧା ସନ୍ତୁଳିତ ଖାଦ୍ୟ ଖାଇ କହିଲା-ଆରେ ବାଃ- ଏତେ ସ୍ୱାଦିଷ୍ଟ ତ ପିଜ୍ଜା କି ବର୍ଗରରେ ନଥାଏ।

ବୁବୁର ମୋଟା ଶରୀର ଦେଖି ଜେଜେ ଚିନ୍ତିତ ହୋଇ ପୁଅ ସହିତ ଚର୍ଚ୍ଚା କଲେ। ବୁବୁର ବାପା କହିଲେ-ହଁ ବାପା! ବୁବୁର ଓଜନ ବଢିବା ଆମ ସମସ୍ତଙ୍କୁ ଚିନ୍ତାରେ ପକାଇଛି। ଫାଷ୍ଟଫୁଡ୍ ଖାଇବାକୁ ଆମେ ଦୁହେଁ ଓ ଡାକ୍ତର ଯେତେ ମନା କଲେ ବି କିଛି ମାନୁନାହିଁ।

ଜେଜେ କହିଲେ-ହଉ ଠିକ୍ ଅଛି, ତୁ ଆଦୌ ବ୍ୟସ୍ତ ହୁଅନା। ଏଠି ତାକୁ ଗୋଟେମାସ ଛାଡି ଯାଆ ମୁଁ ତାକୁ ଠିକ୍ ରାସ୍ତାକୁ ନେଇ ଆସିବି।

ଅପରାହ୍ଣରେ ବୁବୁ-ମୁନୁ ଓ ମୀନା ସହିତ କ୍ଷେତଅଡେ ବୁଲିବାକୁ ଗଲା। ଶୀତଳ ପବନ ବହୁଥାଏ। ବୁବୁକୁ ଗାଁ ଭାରି ଭଲ ଲାଗୁ ଥାଏ। ଗାଁ ପରିବେଶ ଓ ଭାଇ-ଭଉଣୀ ସହିତ ଏମିତି ମଜିଗଲା ଯେ ମୋବାଇଲ୍ ଦେଖିବା ଭୁଲିଗଲା।

ତା'ପରଦିନ ସେ ଖୁବ୍ ଶୀଘ୍ର ଉଠି ଦେଖିଲା ଜେଜେ ମୁନୁ ଓ ମୀନା ସହିତ ଯୋଗ,ପ୍ରାଣାୟମ କରୁଛନ୍ତି।ସେ ବି ସେମାନଙ୍କ ପାଖେ ବସିଲା। ଜେଜେ ତା' ମୁଣ୍ଡକୁ ଆଉଁସି କହିଲେ-ବୁଝିଲୁ ବୁବୁ ଯୋଗ,ପ୍ରାଣାୟମ କଲେ ଶରୀରରୁ ରୋଗ ଦୂରେଇଯାଏ।ମନ ଓ ଶରୀର ସୁସ୍ଥ ରହେ। ତୁ ବି ଆମ ସହିତ ମିଶି ଯୋଗ, ପ୍ରାଣାୟମ କର।

ସେସବୁ ମୋ ଦ୍ୱାରା ହେବନି ଜେଜେ। ବୁବୁ କୁଣ୍ଠାବୋଧ କଲା।

ଜେଜେ କହିଲେ-କିଏ କହିଲା ହେବନି। ଚେଷ୍ଟା କଲେ ସବୁକିଛି ହେଇପାରିବ।

ଜେଜେଙ୍କ କଥା ମାନି ସେ ଯୋଗାଭ୍ୟାସ, ପ୍ରାଣାୟମ କଲା। ଓଜନ ବେଶୀ ହୋଇଥିବାରୁ ଯୋଗାସନ କରିବାକୁ ଅସୁବିଧା ହେଉଥାଏ।ଦୁଇ ଚାରିଦିନ ମଧ୍ୟରେ କିଛି ପରିମାଣରେ ଅଭ୍ୟସ୍ତ ହେଇଗଲା। କେତେ କେତେ ପ୍ରକାର ଆସନ,ପ୍ରାଣାୟମ ବିଷୟ ରେ ଜାଣିଲା। ପ୍ରତିଦିନ ସକାଳେ ଯୋଗାଭ୍ୟାସ,ସନ୍ଧ୍ୟାରେ ଖୁଲା ପବନରେ ଭ୍ରମଣ ତଥା ସନ୍ତୁଳିତ ଖାଦ୍ୟ ଖାଇବା ଦ୍ୱାରା ତା'ର ଶାରୀରିକ ଗତିବିଧିରେ ପରିବର୍ତ୍ତନ ଆସିଲା।ବଢୁଥିବା ଓଜନ ମଧ କମିଗଲା।ଥକା ଏବଂ ଆଳସ୍ୟ ବି ଦୂର ହେଲା। ବେଶ୍ ଖୁସିରେ ଭାଇ ଭଉଣୀଙ୍କ ସହିତ ଖେଳିଲା, ଦୌଡିଲା,ମଜା - ମସ୍ତି କଲା।

ଗୋଟେ ମାସ ପରେ ସହରକୁ ଫେରିବାର ସମୟ ଆସିଗଲା। ସହରକୁ ଯିବାବେଳେ ଜେଜେ ବୁବୁକୁ କହିଲେ-ଗାଁ ପରିବେଶ କେମିତି ଲାଗିଲାରେ ବାପା?

ବହୁତ ଭଲ ଜେଜେ। ହେଲେ ଏସବୁ ସହରରେ ମିଳିବ ନାହିଁ।

ଜେଜେ କହିଲେ-ଏବେ ସହରରେ ବି ସବୁକିଛି ମିଳୁଛି। କେତେ କେତେ ଯୋଗ କେନ୍ଦ୍ର ସହିତ ଯୋଗ ଶିକ୍ଷକ ମାନେ ଘରକୁ ଯାଇ ଯୋଗ ପ୍ରାଣାୟମ ଶିଖାଉଛନ୍ତି। କିନ୍ତୁ ତୁ ଯେମିତି ଯୋଗର ଚମତ୍କାର ବିଷୟରେ ଭୁଲିବୁ ନାହିଁ। ତୋ ସ୍କୁଲ୍,ଟ୍ୟୁସନ୍ ବ୍ୟତୀତ ବଳକା ସମୟରେ ଯୋଗ ପ୍ରାଣାୟମ କରିବୁ। ତେବେ ସିନା ସୁସ୍ଥ ଓ ନିରୋଗ ଜୀବନ ଗଢିପାରିବୁ।

**ସୁଧାଂଶୁ ଶେଖର ଦ୍ୱିବେଦୀ**
**ବିସି-୭୪, ସଲ୍ଟ ଲେକ୍, କଲକତା-୬୪**
**ମୋ-୯୬୮୧୩୭୩୫୧୨**



## ଅବତରି ଆସ ହେ ଯୁଗ ପୁରୁଷ



ତୁଳସୀ ଦୁଇପତ୍ରୁ ବାସିଲା ପରି
ତୁମର ସଦଗୁଣମାନ
ବାଲ୍ୟକାଳୁ ତାହା ଜଣା ପଡିଥିଲା
ପରେ ଯା କଲା ମହାନ ।
ଅଧ୍ୟୟନ ସଙ୍ଗେ ଛାତ୍ର ଜୀବନରୁ
କରୁଥିଲ ଜନ ସେବା
ସାଙ୍ଗସାଥୀ ମାନେ ତୁମ ଭାବ ଦେଖି
ହେଉଥିଲେ ପରା କାବା ।
କଲିକତା ଠାରେ ଓଡ଼ିଆ ଶ୍ରମିକ
ସହୁଥିଲେ ନିର୍ଯାତନା
ତୁମରି ଉଦ୍ୟମେ ତାଙ୍କ ପାଇଁ ହେଲା
ନୈଶ ବିଦ୍ୟାଳୟ ସ୍ଥାପନା ।
ଓଡ଼ିଆଭାଷୀ ଓ ଓଡ଼ିଶାବାସୀଙ୍କୁ
କରିଥିଲ ଏକତ୍ରିତ
ତୁମ ପ୍ରଚେଷ୍ଟା ରେ ସ୍ୱତନ୍ତ୍ର ଉତ୍କଳ
ହୋଇ ପାରିଲା ଗଠିତ ।
ବନ୍ୟା, ବାତ୍ୟା ଆଉ ମରୁଡ଼ି ସମୟେ
ତୁମର ଯେ ଅବଦାନ
ତୁମେ ଗଲା ପରେ ଜଣେ ବି ଓଡ଼ିଆ
କରିବ କି ବିସ୍ମରଣ ।
ଦରଦୀ ହୃଦୟେ ଭରି ରହିଥିଲା
ସ୍ୱଦେଶ ପ୍ରୀତିର ମୋହ
ବନ୍ୟା ଦୁର୍ଗତଙ୍କ ପାଇଁ ତୁମ ନେତ୍ରୁ
ଝରୁଥିଲା ସଦା ଲୁହ ।
ନିଜର ଏକମାତ୍ର ସନ୍ତାନକୁ
ମୃତ୍ୟୁର ଦୁଆରେ ଛାଡ଼ି
କୋଟି ବନ୍ୟାକ୍ଲିଷ୍ଟ ଜନତା ଙ୍କ ପାଇଁ
ବାହାରିଲ ଅଣ୍ଟାଭିଡି ।
ନିରନ୍ନ ଜନତା ମୁଖେ ଅନ୍ନ ଦେଇ
ରକ୍ଷା କଲ ତାଙ୍କ ପ୍ରାଣ
ସାମାନ୍ୟ ମଣିଷ କେବେ ନୁହଁ ତୁମେ
ନରରୂପୀ ନାରାୟଣ ।
ବନ ବିଦ୍ୟାଳୟ ସ୍ଥାପନ କରିଲ
ତୁମେ ସତ୍ୟବାଦୀ ଠାରେ
ଭରି ଦେଉଥିଲ ଜାତୀୟତା ଭାବ
ତୁମେ ଶିକ୍ଷାର୍ଥୀ ମନରେ ।
ମହାତ୍ମା ଗାନ୍ଧୀଙ୍କ ଆହ୍ୱାନରେ ତୁମେ
ସାଧୀନତା ସଂଗ୍ରାମରେ
ଝାସ ଦେଇକରି ଅନେକ ବାର
କାଟିଥିଲ କାରାଗାରେ ।
'ଅବକାଶ ଚିନ୍ତା' 'କାରାକବିତା'
ଓ 'ବନ୍ଦୀର ଆତ୍ମକଥା'
ଜାତି ପ୍ରେମ ବହ୍ନି ପ୍ରଜ୍ୱଳିତ କରି
ଗାଏ ଦେଶ ପ୍ରୀତି ଗାଥା ।
ତୁମ ନଶ୍ୱର ଶରୀର ସିନା
ମିଶିଲା ଦେଶ ମାଟିରେ
ମୃତ୍ୟୁଞ୍ଜୟ ହୋଇ ରହିଗଲ ତୁମେ
ଏଇ ଭାରତ ଭୂମିରେ ।
ହେ ଯୁଗ ପୁରୁଷ ଉତ୍କଳମଣି
ଦିଅ ହେ ଆଶିଷ ଢ଼ାଳି
ଦେଶ ମାତୃକାର ସେବା କରି ଆମେ
ଜୀବନକୁ ଦେଉ ବଳି ।

**ସୁଧାକର ରାଉତ**
**ପ୍ରତାପ ନଗରୀ, କଟକ**
**ମୋ:୮୨୪୯୯୩୨୭୯୨**

## ଦେଶ ପ୍ରେମେ ହେଲ ବାଇ



ଆହେ ଦୀନବନ୍ଧୁ ଦଇତାରୀ ପୁତ୍ର
ମାତା ତୁମ ସ୍ୱର୍ଣ୍ଣମୟୀ,
ମା' ମମତାରୁ ବାଳୁତେ ବିଚ୍ଛିନ୍ନ
ଦେଶପ୍ରେମେ ହେଲ ବାଇ ।।
ପୁତ୍ରକୁ ହରେଇ ପତ୍ନୀହରା ହେଲ
ଅଗ୍ରଗାମୀ ଦେଶ ପାଇଁ,
ଦେଶପ୍ରେମେ ହେଲ ବନ୍ଦୀ କାରାଗାରେ
ହୋଇକି ଉତ୍କଳ ମଣି ।।
ତୁମ କଲମରୁ ପ୍ରକାଶିତ ହେଲା
କାରା କବିତାର ବାଣୀ,
ବନ୍ଦୀହୋଇ ନିଜେ ରଚିଥିଲ ତୁମେ
ବନ୍ଦୀର ଆତ୍ମ କାହାଣୀ ।।
କେତେ ନିର୍ଯାତନା ସହି ଗୋପବନ୍ଧୁ
ସାଜିଲ ବୀର ସଂଗ୍ରାମୀ,
ଦାସେ ଆପଣେ ଡାକୁଥିଲେ ସବୁ
ନିସ୍ୱାର୍ଥ ସେବା ତୁମ ଜାଣି ।।
ତପସ୍ୱୀ ସାଜିଲ ତ୍ୟାଗର ତେଜରେ
ଦେଶଭକ୍ତି ସେବାପାଇଁ ।।
ଉତ୍କଳ ପ୍ରଦେଶ ଧନ୍ୟ ହୋଇଅଛି
ପୁତ୍ର ରୂପେ ତାଙ୍କୁ ପାଇ ।।

**ପ୍ରଶାନ୍ତ କୁମାର ନାୟକ**
**ୟୁନିଟ୍-୦୫; ଭୁବନେଶ୍ୱର**
**ଫୋନ୍-୮୨୪୯୬୫୦୪୧୪**

## ଉତ୍କଳମଣିଙ୍କୁ ଭୁଲିବା ନାହିଁ

ଗଲାଣି ତ ଗଲା କଥାରେ ସଙ୍ଗାତ
ଗଲାଣି ତ ଗଲା କଥା
ଉତ୍କଳମଣିଙ୍କ କଥା ଭାବିଦେଲେ
ନଇଁଯାଏ ଆଜି ମଥା ।
ସୁଆଣ୍ଡୋ ରହିଛି ଆଜି ସେମିତିରେ
ସିଏ ଥିଲା ତାଙ୍କ ଗାଆଁ
ସତ୍ୟବାଦୀ ଯୋଡ଼େ ତାହାରି ସାଥୀରେ
ସେ ମହାମାନବ ନାଆଁ ।
ନଈବଢି ଆସେ ଆଜି ସଙ୍ଗାତରେ
ନଈବଢି ଯେବେ ଆସେ
ସିଏ ଥିଲେ ସବୁ ଛାଡ଼ି ଧାଉଁଥାନ୍ତେ
ପାଣିଘେର ଲୋକ ପାଶେ।
ଚୁଡ଼ାଚାଉଳର କଥାଟି କହିବା
ଯାଉଥିଲେ ସିଏ ଧରି
ଦୀନ ଦୁଃଖୀ ପାଖେ ଉଭା ହେଉଥିଲେ
ଦେବଦୂତଟିଏ ପରି ।
ସେ ସିନା ନାହାନ୍ତି ସମାଜ ପଢ଼ିଲେ
ଆଖି ହୁଏ ଛଳଛଳ
ଓଡିଶା ପାଇଁରେ ପ୍ରକୃତ ଅର୍ଥରେ
ଥିଲେ ସିଏ ବଡ଼ ବଳ ।
ଉତ୍କଳମଣିଙ୍କ ଜୟନ୍ତୀଟି ଆଜି
ତାଙ୍କୁ ଭୁଲିଯିବା ନାହିଁ
ଏ ଜାତିର ନଭେ ଧ୍ରୁବତାରା ସମ
ରହିଥିବେ ଆମ ପାଇଁ ।

**ନୀଳମଣି ଚାନ୍ଦ**
**ମନ୍ତ୍ର ମାନୋର, ଗୋଠପାଟଣା**
**ଭୁବନେଶ୍ୱର,**
**ମୋ:୯୫୮୩୨୦୨୩୫୭**

# ୧ ପଏଣ୍ଟ ସ୍ଲାମ୍‌ରେ ଅଲକାରାଜ, ସିନରଙ୍କ ସହ ବଡ଼ ତାରକା



**ମେଲବର୍ଣ୍ଣ, ୮।୧୦:** ଆସନ୍ତା ବର୍ଷ ଜାନୁଆରୀରେ ହେବାକୁ ଥିବା ଅଷ୍ଟ୍ରେଲିଆନ୍ ଓପନ୍ ପୂର୍ବରୁ '୧ ପଏଣ୍ଟ ସ୍ଲାମ୍'ରେ ବିଶ୍ୱର ଅନେକ ଷ୍ଟାର୍ ଟେନିସ୍ ଖେଳାଳି ଅଂଶଗ୍ରହଣ କରିବେ। କାର୍ଲୋସ୍ ଅଲକାରାଜ, କୋକୋ ଗଫ୍, ନାଓମି ଓସାକା ଓ ଜାନିକ୍ ସିନରଙ୍କ ଭଳି ଖେଳାଳି ଏଥିରେ ସାମିଲ ହେବେ। ଏହି ଅନନ୍ୟ ପ୍ରତିଯୋଗିତାରେ ପେସାଦାର ଖେଳାଳିଙ୍କ ସହ ଆମେଚର୍ ଓ ୱାଇଲ୍ଡ କାର୍ଡ ଜରିଆରେ ସୁଯୋଗ ପାଇଥିବା ଖେଳାଳି ମଧ୍ୟ ମୁହାଁମୁହିଁ ହେବେ। ଏହାର ବିଶେଷତ୍ୱ ହେଉଛି, ପ୍ରତି ମ୍ୟାଚ୍‌ର ନିଷ୍ପତ୍ତି କେବଳ ଗୋଟିଏ ପଏଣ୍ଟରେ ହେବ। ବିଜେତାଙ୍କ ପାଇଁ ମୋଟ ୧୦ ଲକ୍ଷ ଅଷ୍ଟ୍ରେଲିଆନ୍ ଡଲାରର ପୁରସ୍କାର ରାଶି ରହିଛି। ୧ ପଏଣ୍ଟ ସ୍ଲାମ୍‌ର ଫାଇନାଲ୍ ଜାନୁଆରୀ ୧୩ରେ ମେଲବର୍ଣ୍ଣର ରଡ୍ ଲେଭର୍ ଏରିନାରେ ଖେଳାଯିବ। ଗତବର୍ଷ ଆମେଚର୍ ଖେଳାଳି ଜୋର୍ଡାନ୍ ସ୍ମିଥ୍ ବିଶ୍ୱର ଶୀର୍ଷ ଖେଳାଳି ଜାନିକ୍ ସିନରଙ୍କୁ ହରାଇ ଏହି ଟାଇଟଲ୍ ଜିତିଥିଲେ। ତେଣୁ ଏଥର ମଧ୍ୟ ପେସାଦାର ଓ ଆମେଚର୍ ଖେଳାଳିଙ୍କ ମଧ୍ୟରେ ରୋମାଞ୍ଚକର ମୁକାବିଲା ଆଶା କରାଯାଉଛି। ସେହିପରି ୨୦୨୭ ଅଷ୍ଟ୍ରେଲିଆନ୍ ଓପନ୍ ଜାନୁଆରୀ ୧୭ରୁ ୩୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

### ଏସିଆନ ଚାମ୍ପିଅନ୍ସ ଟ୍ରଫି ହକି

# ପାକିସ୍ତାନ ବଦଳରେ ବାଂଲାଦେଶ

**ନୂଆଦିଲ୍ଲୀ, ୮।୧୦:** ଏସିଆନ୍ ଚାମ୍ପିଅନ୍ସ ଟ୍ରଫି ପୁରୁଷ ହକି ଟୁର୍ଣ୍ଣାମେଣ୍ଟରେ ପାକିସ୍ତାନ ବଦଳରେ ବାଂଲାଦେଶକୁ ସାମିଲ କରାଯାଇଛି। ଅକ୍ଟୋବର ୨୭ରୁ ନଭେମ୍ବର ୫ ପର୍ଯ୍ୟନ୍ତ ଜାଲନ୍ଧର ଓ ମୋହାଲିରେ ହେବାକୁ ଥିବା ଏହି ୬ ଦଳୀୟ ପ୍ରତିଯୋଗିତାରେ ଭାରତ, ଜାପାନ, ଚୀନ, ମାଲେସିଆ, ଦକ୍ଷିଣ କୋରିଆ ଓ ବାଂଲାଦେଶ ଭାଗ ନେବେ।

ପୂର୍ବରୁ ରିଜର୍ଭ ଦଳ ଭାବେ ଥିବା ବାଂଲାଦେଶକୁ ପାକିସ୍ତାନ ଭାରତରେ ଖେଳିବାକୁ ମନା କରିବା ପରେ ସୁଯୋଗ ମିଳିଛି। ପାକିସ୍ତାନ ଟୁର୍ଣ୍ଣାମେଣ୍ଟକୁ ନିରପେକ୍ଷ ସ୍ଥାନରେ ଆୟୋଜନ କରିବାକୁ ଏସିଆନ୍ ହକି ଫେଡେରେସନ୍‌କୁ ଅନୁରୋଧ କରିଥିଲା। ୨୦୦୮ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ପରଠାରୁ ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ହକି ମ୍ୟାଚ୍ ହୋଇନାହିଁ। ତେବେ ୨୦୨୩ରେ ଭାରତରେ ଆୟୋଜିତ ଏସିଆନ୍ ଚାମ୍ପିଅନ୍ସ ଟ୍ରଫିରେ ପାକିସ୍ତାନ ଶେଷଥର ପାଇଁ ଭାରତ ଆସିଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ନିଜର ପଞ୍ଚମ ଟାଇଟଲ୍ ଲକ୍ଷ୍ୟରେ ରହିଛି। ନିକଟରେ ଏସିଆନ୍ ଗେମ୍ସରେ ସ୍ୱର୍ଣ୍ଣ ଜିତି ଦଳ ୨୦୨୮ ଲସ୍ ଆଞ୍ଜେଲିସ୍ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିଛି। ମୁଖ୍ୟ କୋଚ୍ କ୍ରେଗ୍ ଫୁଲଟନ୍ ଏସିଆନ୍ ଗେମ୍ସର ସଫଳତାକୁ ପଛରେ ପକାଇ ଏବେ ଚାମ୍ପିଅନ୍ସ ଟ୍ରଫି ଉପରେ ଧ୍ୟାନ ଦେବାକୁ ଦଳକୁ କହିଛନ୍ତି। ତାଙ୍କ ଅନୁଯାୟୀ, ଏସିଆନ୍ ଗେମ୍ସର ଲୟକୁ ଏହି ପ୍ରତିଯୋଗିତାରେ ମଧ୍ୟ ବଜାୟ ରଖିବା ଭାରତ ପାଇଁ ଗୁରୁତ୍ୱପୂର୍ଣ୍ଣ। ପ୍ରାୟ ଦୁଇ ଦଶନ୍ଧି ପରେ ଏହି ଟୁର୍ଣ୍ଣାମେଣ୍ଟ ମାଧ୍ୟମରେ ପଞ୍ଜାବରେ ଅନ୍ତର୍ଜାତୀୟ ହକିର ପ୍ରତ୍ୟାବର୍ତ୍ତନ ହେବ।

# ଆଜି ଭାରତ-ୱେଷ୍ଟଇଣ୍ଡିଜ୍ ୨ୟ ଟି-୨୦

**ରାଞ୍ଚି, ୮।୧୦:** ଭାରତ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଆସନ୍ତାକାଲି ରାଞ୍ଚିରେ ଦ୍ୱିତୀୟ ଟି-୨୦ ମ୍ୟାଚ୍ ଖେଳାଯିବ। ଲକ୍ଷ୍ନୌରେ ଖେଳାଯାଇଥିବା ପ୍ରଥମ ଟି-୨୦ ଜିତି ଭାରତ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀ ହାସଲ କରିଛି। ୨ୟ ଟି-୨୦ ଜିତି ଭାରତ ବିଜୟ ଧାରା ଅବ୍ୟାହତ ରଖିବା ଲକ୍ଷ୍ୟରେ ମଇଦାନକୁ ଓହ୍ଲାଇବ।

ପ୍ରଥମ ଟି-୨୦ରେ ଭାରତ ବୋଲିଂ ଏବଂ ବ୍ୟାଟିଂରେ କମାଲର ପ୍ରଦର୍ଶନ କରିଥିଲା। ଅଧିନାୟକ ଶ୍ରେୟସ ଆୟର ଅପରାଜିତ ଶତକ ହାସଲ କରି ଦଳକୁ ସହଜ ବିଜୟ ଦେଇଥିଲେ। ହେଲେ ବୋଲିଂରେ ମୟଙ୍କ ଯାଦବ ସବୁଠୁ ମହଙ୍ଗା ବୋଲର ରହିଥିଲେ। ହେଲେ ଦ୍ୱିତୀୟ ଟି-୨୦ରେ ଟିମ୍ ଇଣ୍ଡିଆର ଚୂଡ଼ାନ୍ତ ଏକାଦଶରେ ପରିବର୍ତ୍ତନ ଘଟିପାରେ।

ଭାରତୀୟ ଦଳ ପ୍ରଥମ ଟି-୨୦ ସହଜରେ ୮ ୱିକେଟରେ ଜିତି ନେଇଥିଲା। ତେଣୁ ଦଳ ପ୍ରବନ୍ଧକ ୱିନିଂ କମ୍ବିନେସରେ କୌଣସି ପରିବର୍ତ୍ତନ କରିବାକୁ ଚାହିଁ ନ

**ଚୂଡ଼ାନ୍ତ ଏକାଦଶରେ ହୋଇପାରେ ପରିବର୍ତ୍ତନ**

**ସଞ୍ଜୁଙ୍କ ଖେଳିବା ନେଇ ସସପେନ୍ସ**

ପାରନ୍ତି। ପ୍ରଥମ ସ୍ଥାନରେ ପରିବର୍ତ୍ତନର କୌଣସି ଆଶଙ୍କା ହିଁ ନାହିଁ। ସଞ୍ଜୁ ସାମସନ, ଅଭିଷେକ ଶର୍ମା, ଇଶାନ କିଶନ ଏବଂ ଅଧିନାୟକ ଶ୍ରେୟସ ଆୟର ଚତୁର୍ଥ ସ୍ଥାନରେ ଅଛନ୍ତି। ତିଳକ ବର୍ମା ପଞ୍ଚମ ସ୍ଥାନରେ ଅଛନ୍ତି



ଏବଂ ଶିବମ୍ ଦୁବେ ଷଷ୍ଠ ସ୍ଥାନରେ ନିଜର ସ୍ଥାନ ସୁରକ୍ଷିତ ରଖିବେ।

ନମନ ଧୀର ଗତ ମ୍ୟାଚ୍ରେ ଟି-୨୦ରେ ପଦାର୍ପଣ କରିଥିଲେ। ସେ ଲକ୍ଷ୍ନୌରେ ତିନୋଟି ୱିକେଟ ନେଇଥିବାରୁ ତାଙ୍କୁ ବାଦ୍ ଦେଇ ହେବ ନାହିଁ।

ଅର୍ଶଦୀପ ସିଂହ, ଅକ୍ଷର ପଟେଲ ଏବଂ କୁଲଦୀପ ଯାଦବ ମଧ୍ୟ ରାଞ୍ଚିରେ ବୋଲିଂ ଭାର ସମ୍ଭାଳି ପାରିବେ। ଦ୍ୱିତୀୟ ଦ୍ରୁତ ବୋଲର ଭାବେ ମୟଙ୍କ ପ୍ରଥମ ଟି-୨୦ରେ ନିରାଶଜନକ ପ୍ରଦର୍ଶନ କରିଥିଲେ ହେଁ ଏହି ଯୁବ ଖେଳାଳିଙ୍କୁ ଆଉ ଏକ ସୁଯୋଗ ଦେଇ ପାରନ୍ତି ଟିମ ମ୍ୟାନେଜମେଣ୍ଟ। ଏହା ଉଲ୍ଲେଖନୀୟ ପ୍ରିନ୍ସ ଯାଦବ, ବର୍ତ୍ତମାନ ବେଞ୍ଚରେ ଅଛନ୍ତି।

**ଭାରତର ସମ୍ଭାବ୍ୟ ଏକାଦଶ**

ସଞ୍ଜୁ ସାମସନ, ଅଭିଷେକ ଶର୍ମା, ଇଶାନ କିଶନ, ଶ୍ରେୟସ ଆୟର, ତିଲକ ବର୍ମା, ଶିବମ ଦୁବେ, ନମନ ଧୀର, ଅକ୍ଷର ପଟେଲ, ଅର୍ଶଦୀପ ସିଂ, କୁଲଦୀପ ଯାଦବ ଓ ମୟଙ୍କ ଯାଦବ।

# ବୈଭବଙ୍କୁ ନେଇ କପିଲ୍‌ଙ୍କ ଆଶ୍ଚର୍ଯ୍ୟଜନକ ବୟାନ



**ନୂଆଦିଲ୍ଲୀ:** କ୍ରିକେଟ ଦୁନିଆରେ ପାଦ ଥାପିବା ପରଠାରୁ ବୈଭବ ସୂର୍ଯ୍ୟବଂଶୀ ନିଜ ଚମତ୍କାର ପ୍ରଦର୍ଶନରେ ସମସ୍ତଙ୍କୁ ପ୍ରଭାବିତ କରିଛନ୍ତି। ଏଜ୍ ଗ୍ରୁପ୍ କ୍ରିକେଟରେ ଅନେକ ରେକର୍ଡ ଭାଙ୍ଗିବା ପରେ ୧୫ ବର୍ଷୀୟ ଖେଳାଳି ଏବେ ଟିମ୍ ଇଣ୍ଡିଆର ଅଂଶ ଅଛନ୍ତି। ଟି-୨୦ ଇଣ୍ଟରନ୍ୟାସନାଲରେ ଡେବ୍ୟୁ କରିବା ପରଠାରୁ, ବୈଭବ ସୂର୍ଯ୍ୟବଂଶୀ ମିଶ୍ରିତ ପ୍ରଦର୍ଶନ କରିଛନ୍ତି। କିନ୍ତୁ ଭାରତୀୟ କିମ୍ବଦନ୍ତୀ ଖେଳାଳି କପିଲ ଦେବ ବୈଭବଙ୍କୁ ନେଇ ବଡ଼ ବୟାନ ଦେଇଛନ୍ତି। ଭବିଷ୍ୟତରେ ସେ ଜଣେ ମହାନ ଖେଳାଳି ହେବେ କି ନାହିଁ ସେ ବିଷୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୟାନ ଦେଇଛନ୍ତି। ପୂର୍ବତନ ଭାରତୀୟ ଅଧିନାୟକ ମତରେ ବୈଭବ ଖେଳର ପରବର୍ତ୍ତୀ ବଡ଼ ନାଁ ହେବେ କି ନାହିଁ ତାହା କହିବା ତରବରିଆ ହେବ।

କପିଲ ଦେବ କହିଛନ୍ତି, 'ଏବେ କହିବା ତରବରିଆ ହେବ। ତାଙ୍କ ପାଖରେ ଦକ୍ଷତା ଅଛି କି ? ହଁ। କିନ୍ତୁ କ୍ରିକେଟରେ ଅନେକ ଖେଳାଳି ଅଛନ୍ତି ଯେଉଁମାନେ ଅନେକ ପ୍ରତିଭା ସହିତ ଆସିଥିଲେ ଏବଂ ତା'ପରେ ଅଦୃଶ୍ୟ ହୋଇଗଲେ।' ପୂର୍ବତନ ଭାରତୀୟ ବ୍ୟାଟର ବିନୋଦ କାମ୍ବଲିଙ୍କ ଉଦାହରଣ ଦେଇ କପିଲ ଦେବ କହିଛନ୍ତି ଯେ ସେ ତାଙ୍କ ପ୍ରତିଭାକୁ କ୍ୟାରିୟରରେ ପରିଣତ କରିପାରିଲେ ନାହିଁ। କପିଲ ଆହୁରି କହିଛନ୍ତି, 'ବୈଭବ ୧୫ ବର୍ଷ ବୟସର। ତାଙ୍କୁ ଆଉ ତିନି ବର୍ଷ ଦିଅ, ତା'ପରେ ଆମେ କଥା ହେବୁ।'

ପୂର୍ବତନ ଅଧିନାୟକ କହିଛନ୍ତି, 'ଯେତେବେଳେ ତାଙ୍କ ଜୀବନଶୈଳୀ ପରିବର୍ତ୍ତନ ହେବ, ତାଙ୍କ ଚିନ୍ତାଧାରା ମଧ୍ୟ ପରିବର୍ତ୍ତନ ହେବ। ତା'ପରେ ଆମେ ଜାଣିପାରିବୁ ଯେ ଆଗାମୀ ଦୁଇ ବର୍ଷ ମଧ୍ୟରେ ସେ କିପରି ଦେଖାଯିବେ। ଏହା ତାଙ୍କ ପ୍ରଦର୍ଶନ ଦେଖିବା ଅପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ।'

ବୈଭବ ଟି-୨୦ ଦଳରେ ତୃତୀୟ ଓପନର ଭାବରେ ଟିମ ସହ ଯାତ୍ରା କରୁଛନ୍ତି। ସଞ୍ଜୁ ସାମସନ ଏବଂ ଅଭିଷେକ ଶର୍ମା ନିୟମିତ ଓପନର। ବୈଭବଙ୍କୁ ଯେତେବେଳେ ସୁଯୋଗ ଦିଆଯାଇଛି ସେ ନିଜକୁ ପ୍ରମାଣିତ କରିଛନ୍ତି। ଆଠଟି ଟି-୨୦ ଅନ୍ତର୍ଜାତୀୟ ମ୍ୟାଚରେ, ବୈଭବ ଦୁଇଟି ଅର୍ଦ୍ଧଶତକ ସହିତ ୩୦.୭୫ ହାରରେ ୨୪୬ ରନ କରିଛନ୍ତି। ତାଙ୍କର ଷ୍ଟ୍ରାଇକ୍ ରେଟ୍ ୧୮୬ରୁ ଅଧିକ ରହିଛି।

# ଚାଇନା ସ୍ମାସ୍ ସେମିରେ ମାନବ-ମନୁଷ

**ବେଜିଂ, ୮।୧୦:** ଭାରତୀୟ ଟେବଲ ଟେନିସ (ଟିଟି) ଯୋଡ଼ି ମାନବ ଠକ୍କର ଓ ମନୁଷ ଶାହ ଚଳିତ ଡବ୍ଲ୍ୟୁଟିଟି ଚାଇନା ସ୍ମାସ୍‌ର ସେମିଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ଗୁରୁବାର କ୍ୱାର୍ଟରଫାଇନାଲ୍‌ରେ ଏହି ଭାରତୀୟ ଯୋଡ଼ି ସିଧାସଳଖ ୩-୦ (୧୧-୯, ୧୧-୫, ୧୧-୪)ରେ ସ୍ଥାନୀୟ ଖେଳାଳି ଲିଙ୍ଗ ଜିଙ୍ଗକୁନ୍ ଓ ଜିଆଙ୍ଗ ପେଙ୍ଗ୍‌ଙ୍କୁ ହରାଇଥିଲେ। ମାନବ-ମନୁଷ ଫାଇନାଲ୍ ସ୍ଥାନ ପାଇଁ ଦକ୍ଷିଣ କୋରିଆର ଲିମ୍ ଜୋଙ୍ଗହୁଁ ଓ ଓହ୍ ଜୁନ୍ ସୁଙ୍ଗ୍‌ଙ୍କୁ ଭେଟିବେ। ଏହି ଦକ୍ଷିଣ କୋରିଆ ଯୋଡ଼ି ୩-୦ରେ ଡେନ୍‌ମାର୍କର ଆଣ୍ଡ୍ରନ କାଲବର୍ଗ ଓ କ୍ରିଷ୍ଟିଆନ୍ କାର୍ଲସନ୍‌ଙ୍କୁ ପରାସ୍ତ କରିଥିଲେ।



# ଏସୀୟ ପାରା କ୍ରୀଡ଼ା ବିଦାୟ ଉତ୍ସବରେ ହଙ୍ଗାମା

*କିଛି ପାରା ସୁଟର ଚୟନ ପ୍ରକ୍ରିୟାରେ ଦୁର୍ନୀତି ଓ ଅନିୟମିତତାର ଅଭିଯୋଗ ଆଣି ବାହାରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି।*

**ନୂଆଦିଲ୍ଲୀ, ୮।୧୦:** ଆଗାମୀ ଆଇଚି-ନାଗୋୟା ଏସୀୟ ପାରା କ୍ରୀଡ଼ା ପାଇଁ ଲାଗି ଗୁରୁବାର ଏଠାରେ ଆୟୋଜିତ ଭାରତୀୟ ଦଳର ବିଦାୟ ସମାରୋହରେ ହଙ୍ଗାମା ଦେଖିବାକୁ ମିଳିଛି। ଏହି ସମୟରେ କିଛି ପାରା ସୁଟର ଚୟନ ପ୍ରକ୍ରିୟାରେ ଦୁର୍ନୀତି ଓ ଅନିୟମିତତାର ଅଭିଯୋଗ ଆଣି ବାହାରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି।

ଏମାନେ ଏସିଆରେ ଶୀର୍ଷ ମାନ୍ୟତାପ୍ରାପ୍ତ ସୁଟର ସନ୍ଦୀପ କୁମାର ଓ ଆକାଶଙ୍କୁ କାହିଁକି ଦଳରୁ ବାଦ୍ ପଡ଼ିଛନ୍ତି ବୋଲି ପ୍ରଶ୍ନ ଉଠାଇଛନ୍ତି। ନିମ୍ନ ମାନ୍ୟତାପ୍ରାପ୍ତ ଖେଳାଳିଙ୍କୁ ଦଳରେ ସ୍ଥାନ ଦିଆଯାଇଛି। ଚୟନ ପାଇଁ ସରକାରୀ ପୁରସ୍କାର ରାଶିର ୨୦ ପ୍ରତିଶତ କମିସନ ଦାବି, କୋଟା ସ୍ଥାନ ଓ ଯୋଗ୍ୟତା ସ୍କୋରରେ




ହେରଫେର ହୋଇଥିବା ଏହି ସୁଟରମାନେ ଅଭିଯୋଗ କରିଛନ୍ତି। ତେବେ ଭାରତୀୟ ପାରାଲିମ୍ପିକ୍ କମିଟି (ପିସିଆଇ) ଏସବୁ ଅଭିଯୋଗ ଖଣ୍ଡନ କରିଛି। ଦଳ ଚୟନ ସ୍ୱଚ୍ଛ, ଯୋଗ୍ୟତା ଆଧାରିତ ଓ ନିର୍ଦ୍ଧାରିତ ମାନଦଣ୍ଡ ଅନୁଯାୟୀ ହୋଇଥିବା କହିଛି। ଏହି ପାରା କ୍ରୀଡ଼ା ଅକ୍ଟୋବର ୧୮ରୁ ୨୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

# କୁସଲ ମେଣ୍ଡିସ ଶ୍ରୀଲଙ୍କା ଟେଷ୍ଟ ଦଳର ନୂଆ ଅଧିନାୟକ

**କଲମ୍ବୋ, ୮।୧୦:** ଶ୍ରୀଲଙ୍କାକୁ ନୂଆ ଟେଷ୍ଟ ଅଧିନାୟକ ମିଳି ସାରିଛି। କୁସଲ ମେଣ୍ଡିସଙ୍କୁ ରେଡ ବଲ୍ ଟିମର କମାଣ୍ଡ ଦିଆଯାଇଛି। ଧନଞ୍ଜୟ ଡି ସିଲ୍ଭା ଅଧିନାୟକ ପଦରୁ ଇସ୍ତଫା ଦେଇଥିଲେ। ଏହାପରେ ମେଣ୍ଡିସଙ୍କୁ ଏହି ଦାୟିତ୍ୱ ଲାଗି ଚୟନ କରାଯାଇଛି। ଗୁରୁବାର ଏହି ନିଷ୍ପତ୍ତି ଶ୍ରୀଲଙ୍କା କ୍ରିକେଟ ବୋର୍ଡ଼ର ମୁଖ୍ୟାଳୟରେ ହୋଇଥିବା ସିଲେକ୍ସନ କମିଟି ବୈଠକରେ ନିଆଯାଇଛି।



ପ୍ରକାଶ ଯେ, କୁସଲ ମେଣ୍ଡିସ ଏହା ପୂର୍ବରୁ ଟେଷ୍ଟରେ ଶ୍ରୀଲଙ୍କାର ଅଧିନାୟକତ୍ୱ କରିନାହାନ୍ତି। କିନ୍ତୁ ସେ ହ୍ୱାଇଟ୍ ବଲ ଟିମର କମାଣ୍ଡ ସମ୍ଭାଳି ସାରିଛନ୍ତି। ସେ ୨୨ ୱାନଡେ ଏବଂ ୩ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚରେ ଶ୍ରୀଲଙ୍କାର ଅଧିନାୟକତ୍ୱ କରିଛନ୍ତି। ମେଣ୍ଡିସ ଏହି ମାସ ପାକିସ୍ତାନ ବିପକ୍ଷରେ ହେବାକୁ ଥିବା ଆଗାମୀ ସିରିଜରେ ହ୍ୱାଇଟ୍ ବଲ ଟିମର ଅଧିନାୟକତ୍ୱ କରିବେ। ହ୍ୱାଇଟ୍ ବଲ୍ ସିରିଜ୍ ପରେ ଶ୍ରୀଲଙ୍କାକୁ ନଭେମ୍ବରରେ ପାକିସ୍ତାନ ବିପକ୍ଷ ଟେଷ୍ଟ ସିରିଜ ବି ଖେଳିବାକୁ ପଡ଼ିବ। ଟିମ୍ ବିପକ୍ଷରେ ହେବାକୁ ଥିବା ଆଇସିସି ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ ସିରିଜରେ ସେ ପ୍ରଥମ ଥର ଟେଷ୍ଟ ଅଧିନାୟକ ଭାବେ ନିଜ ଦାୟିତ୍ୱ ସମ୍ଭାଳିବେ। ଟେଷ୍ଟ ସିରିଜର ପ୍ରଥମ ମ୍ୟାଚ୍ ୯ରୁ ୧୩ନଭେମ୍ବର ପର୍ଯ୍ୟନ୍ତ ରାୱଲପିଣ୍ଡିରେ ଖେଳାଯିବ। ଦ୍ୱିତୀୟ ଟେଷ୍ଟ ୧୭ରୁ ୨୧ନଭେମ୍ବର ଭିତରେ ଲାହୋରରେ ହେବ। ୱାନଡେ ଏବଂ ଟି-୨୦ ପରେ ଦେଖିବାକୁ ହେବ କି ମେଣ୍ଡିସ ଶ୍ରୀଲଙ୍କା ଲାଗି ଟେଷ୍ଟରେ ଅଧିନାୟକ ରୂପରେ କିଭଳି ପରଫର୍ମାନ୍ସ କରୁଛନ୍ତି।

ମେଣ୍ଡିସ ଲମ୍ବା ସମୟରୁ ଶ୍ରୀଲଙ୍କା ଲାଗି ତିନି ଫର୍ମାଟରେ ଖେଳୁଛନ୍ତି। ସେ ଏବେ ପର୍ଯ୍ୟନ୍ତ ୭୫ଟେଷ୍ଟ, ୧୫୯ ୱାନଡେ ଏବଂ ୧୦୯ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି। ଟେଷ୍ଟର ୧୩୯ ପାଳିରେ ସେ ୩୬.୩୬ର ପ୍ରତିଶତରେ ୪୮୩୬ରନ୍ କରିନେଇଛନ୍ତି। ଏହି ସମୟରେ ତାଙ୍କ ବ୍ୟାଟରୁ ୧୦ଶତକ ଏବଂ ୨୩ଅର୍ଦ୍ଧଶତକ ବାହାରିଛି। ଯେଉଁଥିରେ ହାଇସ୍କୋର ୨୪୫ରନର ଅଟେ।

# ୧୪୬ ପ୍ରତିଯୋଗୀଙ୍କୁ ନେଇ ଡିଏଭିରେ କରାଟେ-ତାଇକୋଣ୍ଡୋ ଚାମ୍ପିୟନଶିପ

**ଝାରସୁଗୁଡ଼ା, ୮।୧୦:** ଡିଏଭି ସ୍ପୋର୍ଟସ କ୍ଲଷ୍ଟର ଏବଂ ଜୋନସ୍ତରୀୟ କରାଟେ ଓ ତାଇକୋଣ୍ଡୋ ଚାମ୍ପିୟନଶିପ ଝାରସୁଗୁଡ଼ା ଡିଏଭି ପବ୍ଲିକ ସ୍କୁଲ ଆନୁକୂଲ୍ୟରେ ଉତ୍ସାହ ଓ ଉଦ୍ଦୀପନାର ସହ ଅନୁଷ୍ଠିତ ହୋଇଯାଇଛି। ୧୪ ବର୍ଷରୁ କମ୍ ଓ ୧୭ ବର୍ଷରୁ କମ୍ ବିଭାଗରେ ଆୟୋଜିତ ଏହି ପ୍ରତିଯୋଗିତାରେ ମୋଟ ୧୪୬ ଜଣ ପ୍ରତିଯୋଗୀ, ୩୮ ଜଣ ଏସ୍କର୍ଟ ଶିକ୍ଷକ ଓ ୧୫ ଜଣ କ୍ରୀଡ଼ା ଅଧିକାରୀ ଯୋଗଦେଇଥିଲେ। ଡିଏଭି ପବ୍ଲିକ ସ୍କୁଲ, ଝାରସୁଗୁଡ଼ାର ଅଧ୍ୟକ୍ଷ ତଥା କ୍ଲଷ୍ଟର ହେଡ୍ ଲକ୍ଷ୍ମୀକାନ୍ତ ଦେବତାଙ୍କ ସଭାପତିତ୍ୱରେ ଉଦ୍ଘାଟନୀ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲା ଆଥଲେଟିକ ଆସୋସିଏସନର କାର୍ଯ୍ୟକାରୀ ସଭାପତି, ଓଡ଼ିଶା ରାଜ୍ୟ କ୍ରୀଡ଼ା ପରିଷଦର ଉପସଭାପତି ତଥା ବରିଷ୍ଠ ଆଇନଜୀବୀ ତାପସ କୁମାର ରାୟ ଚୌଧୁରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବ୍ରଜରାଜନଗର ଇବ୍ ଭ୍ୟାଲି ଡିଏଭିର ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ, ବୁର୍ଲା ଡିଏଭିର ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ବେଦବାକ ଓ ବସୁନ୍ଧରା ଡିଏଭିର ଅଧ୍ୟକ୍ଷ ରଞ୍ଜନ କୁମାର ପଟେଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଜାତୀୟସ୍ତରୀୟ ଅଭିଜ୍ଞ ରେଫରୀମାନଙ୍କ ମଧ୍ୟରେ ରାଜୀବ କୁମାର ସିଂହ, ମହେଶ ଚନ୍ଦ୍ର ବରାଳ, ସୁରେଶ ଚନ୍ଦ୍ର ଜାଲ, ମନୁ ଯୋଶୀ, ଅସୀମ ଭୋଇ, ସର୍ବେଶ ଅଗ୍ରୱାଲ, ରଞ୍ଜନ କୁମାର ପାତ୍ର ଓ ବ୍ୟୋମକେଶ ବେହେରା କରାଟେ ପ୍ରତିଯୋଗିତା ପରିଚାଳନା କରିଥିଲେ। ସେହିପରି ଏହସାସ ହୋତା, ମୁକେଶ କୁମାର ପଣ୍ଡା, ବିବେକାନନ୍ଦ ସାମଲ, କୁମାର କଶ୍ୟପ ଷଡ଼ଙ୍ଗୀ, ଶ୍ୱେତା ପୂଆରୀ, ଶେଫାଳି ବୁଢ଼ାସାଗର ଓ ମିନାକ୍ଷୀ ନାୟକ ତାଇକୋଣ୍ଡୋ ପରିଚାଳନା କରିଥିଲେ। କରାଟେ ବାଳକ ବିଭାଗରେ ଏ.ଏନ୍. ଖୋସଲା ଡିଏଭି ଚାମ୍ପିୟନ ଓ ଚନ୍ଦ୍ରଶେଖରପୁର ଡିଏଭି ରନର୍ସଅପ୍ ହୋଇଥିବା ବେଳେ ବାଳିକା ବିଭାଗରେ ଟିଟିଲାଗଡ଼ ଡିଏଭି ଚାମ୍ପିୟନ ଏବଂ ଏ.ଏନ୍. ଖୋସଲା ଡିଏଭି ରନର୍ସଅପ୍ ହୋଇଥିଲା। ତାଇକୋଣ୍ଡୋ ବାଳକ ବିଭାଗରେ ଇବ୍ ଭ୍ୟାଲି କ୍ଷେତ୍ର, ବ୍ରଜରାଜନଗର ଡିଏଭି ଚାମ୍ପିୟନ ଏବଂ ବଲାଣୀ ଡିଏଭି ରନର୍ସଅପ୍ ହୋଇଥିଲା। ବାଳିକା ବିଭାଗରେ ଗାନ୍ଧୀନଗର, ବ୍ରହ୍ମପୁର ଡିଏଭି ଚାମ୍ପିୟନ ଏବଂ ଶ୍ରୀବିହାର ଫୁଲବାଣୀ ରୋଡ୍, ଭଞ୍ଜନଗର ଡିଏଭି ରନର୍ସଅପ୍ ହୋଇଥିଲା। ବିଭିନ୍ନ ବର୍ଗରେ ଉତ୍କୃଷ୍ଟ ପ୍ରଦର୍ଶନ କରି ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ମଧ୍ୟ ଟ୍ରଫି ଓ ପୁରସ୍କାର ପ୍ରଦାନ କରି ସମ୍ମାନିତ କରାଯାଇଥିଲା।


ଶକ୍ତି ଦକ୍ଷତା ବ୍ୟୁରୋ

ସତର୍କତା !

ବଚତ କେ ସିତାରେ ଦୋସ୍ତ ହମାରେ

ଏହି ଉତ୍ପାଦ ବିଇଇର ଉର୍ଜା ଦକ୍ଷତା ମାନକକୁ ପୂରା କରିବାରେ ଅସଫଳ ହୋଇଛି ।

ଉତ୍ପାଦ : UHD TV
ବ୍ରାଣ୍ଡ : Hisense
ମଡେଲ : 50E7Q



ଅସଫଳ

ଉତ୍ପାଦ : LED LIGHT
ବ୍ରାଣ୍ଡ : corvi
ମଡେଲ : B220630



ଅସଫଳ

ଉର୍ଜା ରେଟିଂ ଏବଂ ଲେବଲର ବୈଧତା
www.beestarlabel.com ରେ ଯାଞ୍ଚ କରନ୍ତୁ
*ଏହି ନୋଟିସ ଉର୍ଜା ଦକ୍ଷତା ବ୍ୟୁରୋର ବିନିମୟର ପ୍ରାବଧାନକୁ ଅନୁପାଳନରେ ପ୍ରଦର୍ଶନ ଏବଂ ଲେବଣ ବୈଧତା ସମ୍ବନ୍ଧରେ ଜାରି କରାଯାଇଛି ।

ଅଧିକ ବିବରଣୀ ପାଇଁ ସ୍କାନ କରନ୍ତୁ

ଉର୍ଜା ଦକ୍ଷତା ବ୍ୟୁରୋ
ବିଦ୍ୟୁତ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଅଧୀନ ଏକ ସାମ୍ବିଧାନିକ ସଂସ୍ଥା,
ଚତୁର୍ଥ ମହଲା, ସେବା ଭବନ, ରାମକୃଷ୍ଣପୁରମ, ନୂଆଦିଲ୍ଲୀ-୧୧୦୦୬୬ (ଭାରତ)

/www.beeindia.gov.in /beeindiadigital BEE@25

CBC 34106/11/0009/2627


Edited, Printed & Published by Salila Kar on behalf of Matrubhasa Prachar Samittee, Printed at Nijukti Khabar Prakashan, TS3/193, Mancheswar Industrial Estate, Bhubaneswar-751010 and Published from Sarthak Palace, Plot No - 1570/1571, Sector - 6, CDA, Bidanasi, Cuttack - 753014

Ph : 0671-2506673, 0671-2503911
Fax - 0671-2503244

ସମ୍ପାଦିକା : ସଲୀଳା କର
Editor : Salila Kar